- Bhubaneswar, 10 may 2026
- ଭୁବନେଶ୍ୱର, ୧୦ ମେ' ୨୦୨୬
- Vol- 14 ◆ Issue- 1
- ଭାଗ-୧୪ ◆ ସଂଖ୍ୟା- ୧
- Rs-Free ◆ Page- 4
- ମୂଲ୍ୟ-ମାଗଣା ◆ ପୃଷ୍ଠା- ୪
- ଦୈନିକ ◆ Daily

Not Printed...Only for trial sample copy
email: pratishabda7@gmail.com,
www.pratishabda.com
Also Available in.. Pratishabda Tv, Fb, ytb, x, insta

# ପ୍ରତିଶବ୍ଦ

The Pratishabda

**Online E-Paper Odia Daily**


## ପଶ୍ଚିମବଙ୍ଗରେ ବିଜେପି ସରକାର

# ଆରମ୍ଭ ହେଲା ଶୁଭେନ୍ଦୁ ଶାସନ

- ୫ ମନ୍ତ୍ରୀଙ୍କ ସହ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ଶୁଭେନ୍ଦୁ
- ଉତ୍ସବରେ ସାମିଲ ହେଲେ ମୋଦି, ଶାହ, କେନ୍ଦ୍ରମନ୍ତ୍ରୀ
- ଏନଡିଏ ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ମଧ୍ୟ ସାମିଲ



**କୋଲକାତା:** ଶୁଭେନ୍ଦୁ ଅଧିକାରୀ ଶନିବାର ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ରାଜ୍ୟପାଳ ଆର.ଏନ. ରବି ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଏହା ସହିତ ଶୁଭେନ୍ଦୁ ଅଧିକାରୀ ହୋଇଯାଇଛନ୍ତି ପଶ୍ଚିମବଙ୍ଗର ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ। କଂଗ୍ରେସ, ବାମ ଓ ତୃଣମୂଳ କଂଗ୍ରେସ ପରେ ପ୍ରଥମ ଥର ପାଇଁ ପଶ୍ଚିମବଙ୍ଗରେ ଶାସନ ଭାର ସମ୍ଭାଳିଛି ବିଜେପି। କୋଲାକାତାର ପ୍ରସିଦ୍ଧ ବ୍ରିଗେଡ ପ୍ୟାରେଡ ଗ୍ରାଉଣ୍ଡରେ ଶୁଭେନ୍ଦୁ ଅଧିକାରୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବା ବେଳେ ଦିଲୀପ ଘୋଷ, ଅଗ୍ନିମିତ୍ର ପଲ, ନିଶିଥ ପ୍ରାମାଣିକ, ଅଶୋକ କୀର୍ତ୍ତନିଆ ଓ ଖୁଦିରାମ ଟୁଡୁ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଏହି ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ, କେନ୍ଦ୍ର ମନ୍ତ୍ରିମଣ୍ଡଳର ବହୁ ମନ୍ତ୍ରୀ, ଏନ୍‌ଡିଏ ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଓ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତୀନ ନବୀନ ପ୍ରମୁଖ ଉପସ୍ଥିତ ରହିଥିଲେ। ଆଜି ହେଉଛି ନୋବେଲ ବିଜେତା ରବୀନ୍ଦ୍ରନାଥ ଟାଗୋରଙ୍କ ଜନ୍ମ ଦିନ। ସେଥିପାଇଁ ଆଜିର ଦିନଟିକୁ ଶପଥ ଗ୍ରହଣ ପାଇଁ ବାଛିଥିଲା ବିଜେପି। କୁହାଯାଉଛି, ବିଜେପିକୁ ଟିଏମ୍‌ସି ଉତ୍ତର ଭାରତର ଦଳ କହିଆସୁଥିବା ବେଳେ ଏହା ପଶ୍ଚିମବଙ୍ଗର ସଂସ୍କୃତି ଓ ପରମ୍ପରାକୁ ସମ୍ମାନ ଦେବ ନାହିଁ ପ୍ରଚାର କରିଥିଲା। ସେଥିପାଇଁ ବିଜେପି ଆଜିର ଦିନଟିକୁ ଶପଥ ଗ୍ରହଣ ପାଇଁ ବାଛିଥିଲା। ସେହିପରି ଶପଥ ଗ୍ରହଣ ଉତ୍ସବରେ ୨୦ଟି ଷ୍ଟଲରେ ବିଭିନ୍ନ ପ୍ରକାର ମିଠା ସହିତ ଝାଲମୁଢ଼ି ରଖାଯାଇଥିଲା। ଏହି ଶପଥ ଗ୍ରହଣ ଉତ୍ସବରେ ବିଜେପିର ବରିଷ୍ଠ ନେତା ୯୮ ବର୍ଷୀୟ ମାଖନଲାଲ ସରକାର ଉପସ୍ଥିତ ରହିଥିଲେ। ପଶ୍ଚିମବଙ୍ଗରେ ବିଜେପିରେ ସେ ହେଉଛନ୍ତି ସବୁଠୁ ବୟସ୍କ କର୍ମୀ। ସେ ଦଳ ପାଇଁ ତୃଣମୂଳ ସ୍ତରରେ କାମ କରିଥିଲେ। ୧୯୫୨ରେ ଶ୍ୟାମା ପ୍ରସାଦ ମୁଖାର୍ଜୀ କଶ୍ମୀରରେ ତ୍ରିରଙ୍ଗା ଉଡ଼ାଇବା ପାଇଁ ଯେଉଁ ଆନ୍ଦୋଳନ କରିଥିଲେ ସେଥିରେ ମାଖନଲାଲ ସରକାର ସାମିଲ ହୋଇ ଗିରଫ ହୋଇଥିଲେ। ଶପଥ ଗ୍ରହଣ ଉତ୍ସବ ଆରମ୍ଭ ହେବା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଏକ ଶାଲ ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ତାଙ୍କ ପାଦ ଛୁଇଁ ଆଶୀର୍ବାଦ ନେଇଥିଲେ।

# ମିଳିଲା ସଫଳତା, ଆଜି ଶପଥ ନେବେ ବିଜୟ

## ଅନୁମତି ଦେଲେ ରାଜ୍ୟପାଳ ଆର୍ଲେକର



**ତାମିଲନାଡୁ :** ବୁଧବାର ଠାରୁ ତାମିଲନାଡୁ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକରଙ୍କୁ ଦୈନିକ ଭେଟି ଚାଲିଥିବା ସୁପରଷ୍ଟାର ବିଜୟ ଶେଷରେ ସଫଳତା ପାଇଛନ୍ତି। ୪ର୍ଥ ଥର ସେ ଆଜି ରାଜ୍ୟପାଳ ଆର୍ଲେକରଙ୍କୁ ଭେଟିବା ପରେ ତାମିଲନାଡୁରେ ସରକାର ଗଠନ କରିବାକୁ ପାଇଛନ୍ତି ଅନୁମତି। ବିଜୟ ଓ ତାଙ୍କ ଦଳ ଟିଭିକେ ସପକ୍ଷରେ ରାଜ୍ୟର ୧୨୦ ବିଧାୟକଙ୍କ ସମର୍ଥନ ରହିଥିବା ରାଜ୍ୟପାଳ ଅନୁଭବ କରିଛନ୍ତି। ୧୨୦ ବିଧାୟକଙ୍କ ସମର୍ଥନ ଥିବା ଦାବିପତ୍ର ବିଜୟ ରାଜ୍ୟପାଳଙ୍କୁ ହସ୍ତାନ୍ତର କରିଛନ୍ତି। ଏହାକୁ ଦେଖିବା ପରେ ରାଜ୍ୟପାରଳ ଆର୍ଲେକର ତାଙ୍କୁ ସରକାର ଗଠନ ପାଇଁ ଅନୁମତି ଦେଇଛନ୍ତି। ରବିବାର ବିଜୟ ତାମିଲନାଡୁରେ ଗଠନ ହେବାକୁ ଥିବା ପ୍ରଥମ ମେଣ୍ଟ ସରକାରରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ରବିବାର ଦିନ ୧୦ଟା ରେ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ରାଜ୍ୟପାଳ ଆର୍ଲେକର ତାଙ୍କୁ ଓ ତାଙ୍କ କ୍ୟାବିନେଟ ସଦସ୍ୟଙ୍କୁ ପଦ ଏବଂ ଗୋପନୀୟତାର ଶପଥ ପାଠ କରାଇବେ। ଶପଥ ପାଠ ଉତ୍ସବରେ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ସାମିଲ ହେବାର ସମ୍ଭାବନା ରହିଛି। ତାମିଲନାଡୁ ବିଧାନସଭା ନିର୍ବାଚନରେ ବିଜୟଙ୍କ ଟିଭିକେ ୧୦୮ଟି ଆସନ ଜିତିଛି। ଏହା ମଧ୍ୟରେ ବିଜୟଙ୍କ ଦୁଇଟି ଆସନ ରହିଛି। ନିୟମ ଅନୁଯାୟୀ ସେ ଗୋଟିଏ ଆସନରୁ ଇସ୍ତଫା ଦେବେ। ଅର୍ଥାତ ଟିଭିକେ ପାଖରେ ୧୦୭ ବିଧାୟକ ରହିଛନ୍ତି। ଏହାବାଦ ଟିଭିକେକୁ କଂଗ୍ରେସର ୫ ବିଧାୟକ ସର୍ତ୍ତ ମୂଳକ ସମର୍ଥନ ଦେଇଛନ୍ତି। ଏହି ୫ ବିଧାୟକଙ୍କ ମଧ୍ୟରୁ ୨ ଜଣ କ୍ୟାବିନେଟରେ ସାମିଲ ହେବେ। ବାମଦଳ, ଭିସିକେ ଓ ଆୟୁଏମଏଲ ପକ୍ଷରୁ ମଧ ଟିଭିକେକୁ ସମର୍ଥନ କରାଯାଇଛି। ହେଲେ ଏହି ୩ ଦଳର ୮ ବିଧାୟକ ବିଜୟଙ୍କ କ୍ୟାବିନେଟରେ ସାମିଲ ହେବେ ନାହିଁ।


ଏମାନେ କେବଳ ବିଜୟଙ୍କୁ ସରକାର ଗଠନରେ ସହାୟତା କରିବେ। ବିଜୟ ଓ କଂଗ୍ରେସ ମିଳିତ ଭାବେ ମ୍ୟାଜିକ ନମ୍ବର ୧୧୮ରେ ପହଞ୍ଚି ପାରୁ ନଥିବାରୁ ବାମଦଳ, ଭିସିକେ ଓ ଆୟୁଏମଏଲ ସମର୍ଥନ ଦେଇଛନ୍ତି। ବିଜୟଙ୍କୁ ସମର୍ଥନ କରୁଥିଲେ ହେଁ ଏମାନେ ଏମକେ ଷ୍ଟାଲିନଙ୍କ ଡିଏମକେ ସହ ରହିଥିବା କହିଛନ୍ତି।

## ବିପୁଳ ପରିମାଣର ଗଞ୍ଜେଇ ଜବତ

# ସ୍ୱାମୀଙ୍କ ସହ ୨ ସ୍ତ୍ରୀଙ୍କୁ ମାଡ଼ିବସିଲା ପୋଲିସ

**ବରଗଡ଼ :** ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ଜଗଦଳପୁର ଥାନା ପୋଲିସକୁ ପୁଣି ଏକ ବଡ଼ ସଫଳତା ମିଳିଛି। ଗତ ୪ଦିନ ତଳେ ନିକଟସ୍ଥ ଝାରବନ୍ଧ ଥାନା ଅଞ୍ଚଳରେ କୋଟି କୋଟି ଟଙ୍କାର ଗଞ୍ଜେଇ ଜବତ ହୋଇଥିବା ବେଳେ ଶନିବାର ନିକଟସ୍ଥ ଜଗଦଲପୁର ପୋଲିସ ଛତିଶଗଡ଼ ଚାଲାଣ ହେଉଥିବା ପ୍ରାୟ ୧୧ କିଲୋ ୨୫୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଏହି କାରବାରରେ ସମ୍ପୃକ୍ତ ଜଣେ ଯୁବକ ଓ ୨ ଯୁବତୀ ଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, କୌଣସି ସୂତ୍ରରୁ ଖବର ପାଇ ଶନିବାର ମାଧ୍ୟାହ୍ନ ପ୍ରାୟ ୧:୩୦ ସମୟରେ ଜଗଦଳପୁର ଥାନା ଅଧିକାରୀ ଦୀପ୍ତି ରଞ୍ଜନ ଦିଗାଲଙ୍କ ନେତୃତ୍ୱରେ ପୋଲିସ ଟିମ ଜଗଦଲପୁର ସାପ୍ତାହିକ ବଜାର ନିକଟରେ ଗୋଟିଏ ଧଳା ରଙ୍ଗର କୁଇଦ କାର (ସିଜି ୦୭ -ବିବି ୦୮୫୨ )କୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଏହି ଗାଡିରୁ ବେଆଇନ ଭାବେ ଚାଲାଣ ହେଉଥିବା ଗଞ୍ଜେଇ ଧରାପଡିଥିଲା । ଗିରଫ ହୋଇଥିବା ତିନି ଅଭିଯୁକ୍ତ ହେଲେ, ଛତିଶଗଡ଼ ରାଜ୍ୟ ବଲୋଦା ବଜାରର ଶିବ କୁମାର ଯାଦବ ଓ ତାଙ୍କର ଦୁଇ ସ୍ତ୍ରୀ ମନୀଷା ଯାଦବ ଓ ଯୋଗେଶ୍ୱରୀ ଯାଦବ। ସେମାନଙ୍କ ଠାରୁ ଗୋଟିଏ ମୋବାଇଲ ଫୋନ ଓ ବ୍ୟବହାର ହୋଇଥିବା କାର ଜବତ କରାଯାଇଛି । ଏହି ମାମଲାରେ ଜଗଦଳପୁର ଥାନା କେସ ନମ୍ବର ୭୬/୨୦୨୬, ଧାରା ୨୦ (ବି)୨୯ଏନଡ଼ିପିଏସ ଆକ୍ଟ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ପଦ୍ମପୁର ଥାନାର ଏସ.ଆଇ ଅନ୍ତର୍ଯ୍ୟାମୀ ବେହେରା ଏହି ଘଟଣାର ତଦନ୍ତ କରୁଛନ୍ତି। ଅଭିଯୁକ୍ତମାନେ ନିଜର ବ୍ୟକ୍ତିଗତ ଫାଇଦା ପାଇଁ ଏହି ଗଞ୍ଜେଇ ଛତିଶଗଡ଼ର ସରାଇପାଲିକୁ ଚାଲାଣ କରୁଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି ।

# ୧୧ରୁ ପୁଣି ରତ୍ନଭଣ୍ଡାର ଗଣତି ମଣତି



**ପୁରୀ :** ରତ୍ନଭଣ୍ଡାର ପୁଣି ଗଣତି ମଣତି ହେବ । ଦୀର୍ଘ ଦିନର ବିରତି ପରେ ଆସନ୍ତା ୧୧ ତାରିଖରୁ ଆରମ୍ଭ ହେବ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାରରେ ଥିବା ରତ୍ନ ଅଳଙ୍କାରର ଗଣତି ମଣତି କାର୍ଯ୍ୟ। ଆସନ୍ତା ୧୧ ଓ ୧୨ ତାରିଖ ଦୁଇଦିନ ଧରି ରତ୍ନ ଅଳଙ୍କାରର ଗଣତି ମଣତି କାର୍ଯ୍ୟ କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି ।ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା ପାଇଁ ଗଣତି ମଣତି କାର୍ଯ୍ୟ ସ୍ଥଗିତ ରଖାଯାଇଥିଲା। ଶ୍ରୀକ୍ଷେତ୍ର ଭଉଁରୀ ଅବସରରେ ବାହାର ଚନ୍ଦନ ଯାତ୍ରାର ଅନ୍ତିମ ଦିବସ ଏବଂ ରବିବାର ଠାକୁରଙ୍କ ହଳଦୀ ପାଣି ନୀତି ରହିଛି। ଏଣୁ ଠାକୁରଙ୍କ ନୀତି କାନ୍ତିରେ ଯେଭଳି କୌଣସି ସମସ୍ୟା ସୃଷ୍ଟି ହେବ ନାହିଁ ସେଥିପାଇଁ ଗଣତି ମଣତି କାର୍ଯ୍ୟ ବନ୍ଦ ରଖାଯାଇଛି। ରାଜ୍ୟ ସରକାରଙ୍କ ଏସଓପି ଅନୁଯାୟୀ ଆସନ୍ତା ୧୧ ତାରିଖରୁ ଗଣତି ମଣତି କାର୍ଯ୍ୟ ଆରମ୍ଭ ହେବ। ପରେ ଆଉ କେଉଁ ଦିନ ଗଣତି ମଣତି କାର୍ଯ୍ୟ କରାଯିବ ସେନେଇ ସୂଚନା ଦିଆଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ସୂଚନା ଦେଇଛନ୍ତି। ସେହିପରି ଏପ୍ରିଲ୍ ୧୪ ତାରିଖରୁ ଭିତର ରତ୍ନଭଣ୍ଡାରରେ ଥିବା ରତ୍ନ ଅଳଙ୍କାରର ଗଣତି ମଣତି କାର୍ଯ୍ୟ ଆରମ୍ଭ କରାଯାଇ ପ୍ରାୟ ଶହେରୁ ଊର୍ଦ୍ଧ୍ୱ ଅଳଙ୍କାରର ଗଣତି କାର୍ଯ୍ୟ ଶେଷ ହୋଇଛି। ରତ୍ନ ଅଳଙ୍କାର ଗଣତି ମଣତି ସମୟରେ ଶ୍ରୀମନ୍ଦିରର ବଣିଆ ସେବକ, ରତ୍ନ ବିଶାରଦ ଏବଂ ଆରବିଆଇ ଅଧିକାରୀ ଉପସ୍ଥିତ ରହୁଛନ୍ତି। ସିସିଟିଭି ସର୍ଭିଲାନ୍ସ ମଧ୍ୟରେ ସମସ୍ତ ଗଣତିମଣତି କାର୍ଯ୍ୟ କରାଯିବା ସହ ରତ୍ନ ଅଳଙ୍କାରର ସମ୍ପୂର୍ଣ୍ଣ ଭିଡିଓ ଗ୍ରାଫି ଏବଂ ଫଟୋଗ୍ରାଫି କରାଯାଉଛି। ଗଣତି ମଣତି ସମୟରେ ଭକ୍ତମାନେ ବାହାର କାଠ ନିକଟରୁ ମହାପ୍ରଭୁଙ୍କ ଦର୍ଶନ କରିଥାନ୍ତି ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

# ଚଢ଼ିଗଲା ଦ୍ରୁତଗାମୀ ଟ୍ରକ୍; ୩ ଜଣଙ୍କ ମୃତ୍ୟୁ



**ଭୁବନେଶ୍ୱର :** ରାଜଧାନୀ ଭୁବନେଶ୍ୱରରେ ଶନିବାର ସନ୍ଧ୍ୟାରେ ଏକ ବଡ଼ ଧରଣର ଦୁର୍ଘଟଣା ଘଟିଛି। ୧୬ ନମ୍ବର ଜାତୀୟ ରାଜପଥରେ ଘଟିଥିବା ଏହି ଦୁର୍ଘଟଣାରେ ଜଣେ ଯୁବତୀଙ୍କ ସମେତ ତିନି ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ଅଛନ୍ତି। ଗୁରୁତର ବ୍ୟକ୍ତିଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମୃତକମାନଙ୍କର ପରିଚୟ ମିଳିପାରି ନାହିଁ। ସୂଚନା ଅନୁସାରେ ଭୁବନେଶ୍ୱରର ରସୁଲଗଡ଼ ପାର୍ଶ୍ୱରୁ ୧୬ ନମ୍ବର ଜାତୀୟ ରାଜପଥ ଦେଇ ଗୋଟିଏ ସ୍କୁଟି ଏବଂ ଅନ୍ୟ ଏକ ବାଇକ୍‌ରେ ୪ଜଣ ଲୋକ ଯାଉଥିଲେ। ଫାୟାର ଷ୍ଟେସନ ସମ୍ମୁଖ ଓଭର ବ୍ରିଜ୍ ଉପରେ ପଛପଟରୁ ଆସୁଥିବା ଏକ ଦ୍ରୁତଗାମୀ ଟ୍ରକ୍ ଉଭୟ ବାଇକ୍ ଏବଂ ସ୍କୁଟି ଆରୋହୀଙ୍କୁ ଶକ୍ତ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଟ୍ରକ୍‌କୁ ନେଇ ଚାଳକ ଘଟଣାସ୍ଥଳରୁ ଫେରାର ମାରିଥିଲା। ଏହି ଦୁର୍ଘଟଣାର ସାମ୍ନା କରିଥିବା ବାଇକ୍ ଏବଂ ସ୍କୁଟି ଆରୋହୀମାନେ ରାସ୍ତାରେ ପଡ଼ି ଛଟପଟ ହେଉଥିଲେ। ପଛପଟରୁ ଆସୁଥିବା ଅନ୍ୟ ଲୋକମାନେ ଗୁରୁତରମାନଙ୍କୁ ରାସ୍ତାପାର୍ଶ୍ୱକୁ ଉଠାଇ ନେଇଥିଲେ। ଏହା ପରେ ଅଗ୍ନିଶମ ଏବଂ ପୁଲିସ କର୍ମଚାରୀମାନେ ଆସି ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ୩ଜଣଙ୍କୁ ମୃତ ଘୋଷଣା କରିଛନ୍ତି। ଅନ୍ୟ ଜଣଙ୍କର ଚିକିତ୍ସା ଜାରି ରହିଛି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପରିସ୍ଥିତି ଦେଖାଯାଇଥିଲା। ଭାରି ଯାନବାହନ ପାଇଁ କଟକଣା ବ୍ୟବସ୍ଥା ନଥିବାରୁ ଜାତୀୟ ରାଜପଥରେ ବାରମ୍ବାର ଏଭଳି ଘଟଣା ଘଟୁଛି ବୋଲି ଉତ୍ତେଜିତ ଲୋକେ କହିଛନ୍ତି। ଏହାପରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଯାତାୟତ ଠପ୍ ରହିଥିଲା। ଉତ୍ତେଜିତ ଲୋକଙ୍କୁ ପୁଲିସ ବୁଝାସୁଝା କରିବାପରେ ଯାତାୟତ ହୋଇଥିଲା। ରାଜଧାନୀର ଛାତି ଉପରେ ଏଭଳି ଘଟଣାକୁ ଦେଖି ଲୋକଙ୍କର ମନରେ ଭୟ ସଞ୍ଚାର ହୋଇଛି।

## ରାଜ୍ୟରେ ପ୍ରତିଷ୍ଠା ହେବ ଆଉ ୭ଟି ମହିଳା

# ଫାଷ୍ଟଟ୍ରାକ୍ କୋର୍ଟ ଓ ୫ଟି ସ୍ୱତନ୍ତ୍ର ସାଇବର କୋର୍ଟ




**ଭୁବନେଶ୍ୱର :** ଭୁବନେଶ୍ୱରଠାରେ ଆଇନ ବିଭାଗ ଓ ଜାତିସଂଘ ଜନସଂଖ୍ୟା ପାଣ୍ଠି(ୟୁଏନଏଫପିଏ) ଦ୍ୱାରା ମିଳିତ ସହଯୋଗରେ ଆୟୋଜିତ ସ୍ୱତନ୍ତ୍ର କର୍ମଶାଳାରେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, ରାଜ୍ୟରେ ମହିଳାମାନଙ୍କୁ ତ୍ୱରିତ୍ ନ୍ୟାୟ ପ୍ରଦାନ କରିବା ଓ କ୍ରମବର୍ଦ୍ଧିଷ୍ଣୁ ସାଇବର ଅପରାଧ ଉପରେ ରୋକ୍ ଲଗାଇବା ପାଇଁ ଓଡ଼ିଶା ସରକାର ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି । ଆଗାମୀ ଦିନରେ ରାଜ୍ୟରେ ୭ଟି ମହିଳା ଫାଷ୍ଟଟ୍ରାକ୍ କୋର୍ଟ ଏବଂ ୫ଟି ସ୍ୱତନ୍ତ୍ର ସାଇବର କୋର୍ଟ ପ୍ରତିଷ୍ଠା କରିବା ନେଇ ସରକାର ବିଚାର କରୁଛନ୍ତି ।ଏସବୁ ନୂତନ କୋର୍ଟ ପ୍ରତିଷ୍ଠା ହେଲେ ଅପରାଧିକ ମାମଲାର ତ୍ୱରିତ ବିଚାର ହୋଇପାରିବ। ପରିବର୍ତ୍ତିତ ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥାରେ ଆଗାମୀ ୫୦ବର୍ଷକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ। ବିକଶିତ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ହାସଲ କରିବା ପାଇଁ ଆମ ବିଧି ବ୍ୟବସ୍ଥାରେ ଅନେକ ସଂସ୍କାର ଆଣିବା ଜରୁରୀ ।ବିଶେଷକରି ଗ୍ରାମାଂଚଳର ଲୋକ, ୬୨ଟି ଜନଜାତି ସମୁଦାୟ ଓ ୧୩ଟି ପିଭିଟିଜି ବର୍ଗଙ୍କୁ ନିଜ ଭାଷାରେ ଆଇନଗତ ସଚେତନତା ଯୋଗାଇ ଦେବା ସହ ସେମାନଙ୍କ ଅଧିକାର ବିଷୟରେ ଜଣାଇବାକୁ ସରକାର ରୋଡ଼ମ୍ୟାପ୍ ପ୍ରସ୍ତୁତ କରିଛନ୍ତି। ଏହାସହ ଯୁବପିଢ଼ି ଓ ବୟସ୍କଙ୍କ ଆବଶ୍ୟକତାକୁ ନେଇ ନୂତନ ନୀତି ପ୍ରଣୟନ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି ବୋଲି ସେ କହିଛନ୍ତି ।ଏହି ଅବସରରେ ଆଇନ ଆୟୋଗର ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ ପରିବର୍ତ୍ତିତ ସାମାଜିକ ପରିସ୍ଥିତି ସମେତ ଆଇନ ବ୍ୟବସ୍ଥାକୁ ଅଧିକ ଲୋକାଭିମୁଖୀ କରିବା ସହ ସଂଖ୍ୟାଗତ ହାର, ଅର୍ଥନୈତିକ ଅଭିବୃଦ୍ଧି, ସମାଧାନ ସମାରୋହ ମାଧ୍ୟମରେ ସମସ୍ୟାର ସମାଧାନ ଆଦି ଉପରେ ଗୁରୁତ୍ୱ ଦେଇଥିଲେ ।ସେହିପରି ମୁଖ୍ୟ ସଚିବ ଅନୁ ଗର୍ଗ ଭବିଷ୍ୟତ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ ହେବା ଆବଶ୍ୟକ ବୋଲି କହିଥିବାବେଳେ ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଆଜିର ସମାଜରେ ପରିବର୍ତ୍ତିତ ପରିବାର ବ୍ୟବସ୍ଥା, ଦାୟିତ୍ୱ ଓ ସାମାଜିକ ପରିସ୍ଥିତି ଯୋଗୁଁ ଅଦାଲତରେ ମାମଲା ସଂଖ୍ୟା ବୃଦ୍ଧି ପାଉଥିବା କହିଥିଲେ। ଆଇନର ବ୍ୟାଖ୍ୟା ପରିବର୍ତ୍ତିତ ପରିସ୍ଥିତି ପ୍ରତି ସମ୍ବେଦନଶୀଳ ହେବା ଆବଶ୍ୟକ ଓ ସାଧାରଣ ଲୋକ ବୁଝିବା ଭଳି ଆଇନ ପ୍ରସ୍ତୁତ ହେବା ଆବଶ୍ୟକ ବୋଲି ସେ କହିଥିଲେ।

## ବାଲିଅନ୍ତା ମବ୍ ଲିଞ୍ଚିଙ୍ଗ୍ ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ବୈଠକ

# କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ

- ଏଭଳି ଘଟଣାର ପୁନରାବୃତ୍ତି ଯେପରି ନ ହୁଏ, ଡି.ଜି.ପି'ଙ୍କୁ କଡ଼ା ତାଗିଦ୍
- ଯୁବକଙ୍କୁ ହତ୍ୟା ଘଟଣା : ଗିରଫ ସଂଖ୍ୟା ୧୧କୁ ବୃଦ୍ଧି



**ଭୁବନେଶ୍ୱର :** ଶନିବାର ସନ୍ଧ୍ୟାରେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ବାଲିଅନ୍ତା ଅଞ୍ଚଳରେ ହୋଇଥିବା ଭିଡ଼ ହତ୍ୟା ବା ମବ୍ ଲିଞ୍ଚିଙ୍ଗ୍ ଘଟଣା ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଘଟଣା ସମ୍ପର୍କରେ ସବିସ୍ତୃତ ଆଲୋଚନା କରିବା ପରେ କ୍ରାଇମ୍‌ବ୍ରାଞ୍ଚ୍ ଦ୍ୱାରା ଏହି ଘଟଣାର ସଠିକ୍ ଓ ପୁଙ୍ଖାନୁପୁଙ୍ଖ ଯାଞ୍ଚ୍ କରି ଦୋଷୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏଭଳି ଘଟଣାର ଯେଭଳି ପୁନରାବୃତ୍ତି ନ ହୁଏ, ସେଥିପାଇଁ ପୋଲିସ ମହାନିର୍ଦ୍ଦେଶକ ସତର୍କ ଓ ସଜାଗ ରହିବା ପାଇଁ ମୁଖ୍ୟମନ୍ତ୍ରୀ ତାଗିଦ୍ କରିଥିଲେ । ରାଜ୍ୟରେ ଆଇନର ଶାସନ ପ୍ରତିଷ୍ଠା କରିବା ପାଇଁ ପୋଲିସ କଠୋରରୁ କଠୋରତମ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟଶାସନ ସଚିବ ଅନୁ ଗର୍ଗ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପୋଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଗୁଇନ୍ଦା ନିର୍ଦ୍ଦେଶକ ଆର.ପି. କୋଚ୍ଛେ, ଅତିରିକ୍ତ ମହାନିର୍ଦ୍ଦେଶକ ଆଇନ ଶୃଙ୍ଖଳା ସଞ୍ଜୟ କୁମାର, ଏ.ଡି.ଜି କ୍ରାଇମବ୍ରାଞ୍ଚ୍ ବିନୟତୋଷ ମିଶ୍ର, ପୋଲିସ କମିଶନର ଏସ. ଦେବଦତ୍ତ ସିଂହ ଏବଂ ଡ଼ି.ସି.ପି ଜଗମୋହନ ମୀନା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପଟରେ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ପିଟିପିଟି ହତ୍ୟା ମାମଲାରେ ଗିରଫ ସଂଖ୍ୟା ୧୧ରେ ପହଞ୍ଚିଛି। ପୂର୍ବରୁ ୫ ଜଣ ଗିରଫ ହୋଇଥିବା ବେଳେ ଶନିବାର ଆଉ ୬ ଜଣଙ୍କୁ ପୁଲିସ ଗିରଫ କରିଛି। ତେବେ ଏହି ଗିରଫ ସଂଖ୍ୟା ଆହୁରି ବଢିପାରେ। ଘଟଣାସ୍ଥଳର ଆଖପାଖ ଗାଁ ଗୁଡ଼ିକୁ ଗିରଫଦାରୀ ଭୟ ଘାରିଛି। ପୁରୁଷମାନେ ଘର ଛାଡ଼ି କେଉଁଆଡ଼େ ଫେରାର୍ ହୋଇଯାଇଛନ୍ତି। ସେପଟେ ସିସିଟିଭି ଭିଡିଓ ଆଧାରରେ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ବାଲିଅନ୍ତା ପୁଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି। ଡ଼ିସିପିଙ୍କ ସୂଚନା ଅନୁସାରେ ବାଲିଅନ୍ତା ଥାନାରେ ଦୁଇଟି ପୃଥକ ପୃଥକ ଏତଲା କରାଯାଇଛି। ଗୋଟେ ଏତଲା ଯୁବକଙ୍କ ବାପା ଦେଇଥିବା ବେଳେ ଅନ୍ୟ ଏକ ଏତଲା ଅସଦାଚରଣ ଶିକାର ହୋଇଥିବା ଯୁବତୀଙ୍କ ପକ୍ଷରୁ କରାଯାଇଛି। ମୃତ ଯୁବକଙ୍କ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ଯେଉଁ ମାନେ ଯୁବକଙ୍କୁ ମାଡ଼ ମାରିଛନ୍ତି ଭିଡିଓ ଗୁଡ଼ିକ ତଦନ୍ତ କରାଯାଇ ଦୋଷୀ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ।

ସମ୍ପାଦକୀୟ

# ଅଧା ସତ, ଅଧା ମିଛ

ବିଳମ୍ବରେ ହେଲେ ବି ବାଂଲାଦେଶରେ ଏବେ ଏବେ ପ୍ରକାଶ ପାଇଛି ନିର୍ବାଚନୀ ଇସ୍ତାହାର। ଆଗାମୀ ୧୨ ତାରିଖରେ ହେବାକୁ ଯାଉଛି ସଂସଦୀୟ ନିର୍ବାଚନ। ଯେଉଁଥିରେ ତାଲିକାରେ ଅଛନ୍ତି ବାଂଲାଦେଶର ଦୁଇ ପ୍ରମୁଖ ଦଳ ଯେମିତି କି ବାଂଲାଦେଶ ନ୍ୟାସନାଲ୍ ପାର୍ଟି ଏବଂ ଜମାତ୍ ଏ ଇସଲାମୀ। ବାଂଲାଦେଶର ଏହି ଯେଉଁ ଦଳ ଦୁଇଟି ପାର୍ଟି ବା ରାଜନୈତିକ ଦଳ ରହିଛନ୍ତି,ଏମାନେ ବାଂଲାଦେଶର ରାଜନୀତିରେ ପୁରୁଣା ହୋଇପାରନ୍ତି ହେଲେ ସେମାନେ ଦେଶରେ ରାଜନୈତିକ ଦଳ ଗଠନର ରାଜନୀତିରେ କିନ୍ତୁ ସେମାନେ ପଛୁଆ ହୋଇପାରନ୍ତି। ପ୍ରଥମରେ ଆମେ ଯେଉଁ ଦଳ କଥା କହୁଛୁ, ସେହି ଦଳ ଜମାତ୍ ଏ-ଇସଲାମୀ ଯାହାର ମୁଖ୍ୟ ଅଛନ୍ତି ସଫିକୁର୍ ରେହମାନ୍। ଯେ କି କେବେ ଦଳରେ ମହିଳାମାନଙ୍କ ଅଧିକାରକୁ କେବେ ବି ସହଜରେ ସ୍ୱୀକାର କରୁ ନାହାଁନ୍ତି। ରାଜନୀତିରେ ମହିଳାମାନଙ୍କ ଯୋଗଦାନକୁ ସେମାନେ କେବେ ବି ସ୍ୱୀକାର କରୁନାହାଁନ୍ତି। ରାଜନୀତିକ ଦଳରେ ସମସ୍ତେ ତ ରହିବେ । ସେ ପୁରୁଷ ହୁଅନ୍ତୁ ଅବା ନାରୀ । ରାଜନୀତି କରିବାର ଅବା ରାଜନୀତିରେ ରହିବାର ଅଧିକାର ସମସ୍ତଙ୍କର ରହିଛି। କେବଳ ପୁରୁଷ ରହିବେ ଅଥଚ ମହିଳାମାନେ ଯେ ରହିପାରିବେ ନାହିଁ, ସେମିତି ତ କେହି ବି କହିପାରିବେ ନାହିଁ। ଅଥଚ ସଫିକୁର ରେହମାନ୍ କିନ୍ତୁ ରାଜନୀତିରେ ମହିଳାମାନଙ୍କ ପ୍ରବେଶ ଉପରେ ରୋକ୍ ଲଗାଇବାକୁ ଯାଉଛନ୍ତି ଯାହା ଉପରେ ସେମିତି କିଛି ସରକାରୀ ନିୟମ କିନ୍ତୁ ନାହିଁ। ତେବେ କେଉଁ ଆଧାରରେ ରେହମାନ୍ ସଫିକୁର୍ ଏପରି ନିୟମ କରିଛନ୍ତି। କ ାହା ନିର୍ଦ୍ଦେଶରେ ସେ ଏପରି ନିୟମ କରିଛନ୍ତି। ଯଦି ତାଙ୍କ ମନକୁ ମନ ସେ ଏପରି ସବୁ କରୁଛନ୍ତି ଅବା ଏପରି କିଛି ଘୋଷଣା କରୁଛନ୍ତି, ତେବେ ତାଙ୍କ ବିରୋଧରେ ମହମ୍ମଦ ୟୁନୁସ୍‌ଙ୍କ ଦଳ ସେହି ଅନୁସାରେ କିଛି ଆକସନ୍ ନେବା ଦରକାର। ଅଥଚ ମହମ୍ମଦ ୟୁନୁସଙ୍କ ଦଳ କିନ୍ତୁ ଏ କ୍ଷେତ୍ରରେ ପୁରା ନୀରବ। କାରଣ ସେ ଖାଲି ନାମକୁ ମାତ୍ର ବାଂଲାଦେଶର ମୁଖିଆ ହୋଇ ବସିଛନ୍ତି । ତାଙ୍କ ହାତରେ ସେମିତି କିଛି କ୍ଷମତା ନାହିଁ। ସେ ବି କାଳେ ଗୋଟାଏ ଟେରରିଷ୍ଟ ଦଳ ସହିତ ସାମିଲ୍ ହୋଇଛନ୍ତି ପରୋକ୍ଷରେ । ନଚେତ୍ ବାଂଲାଦେଶରେ ଗୋଟାକ ପରେ ଗୋଟାଏ ମର୍ଡର ହୋଇଚାଲିଛି। ବାଂଲାଦେଶର ହିନ୍ଦୁମାନଙ୍କୁ ଖାସ୍ କରି ହିନ୍ଦୁଭାଇମାନଙ୍କୁ ଯେପରି ହତ୍ୟା କରାଯାଉଛି, ସେ କ୍ଷେତ୍ରରେ ୟୁନୁସ୍ ସରକାର ଯେପରି ଭାବେ ଚୁପୀ ସାଧୁଛନ୍ତି ଅବା ନୀରବତା ଅବଲମ୍ବନ କରୁଛନ୍ତି, ସେଥିରେ ତାଙ୍କର ନୀରବତାରୁ ଅତି ସ୍ୱଷ୍ଟ ଭାବେ ତାଙ୍କର ଅଯୋଗ୍ୟତା ପ୍ରମାଣିତ କରୁଛି। ଏବେ ଏବେ ବାଂଲାଦେଶରେ ଯେଭଳି ଭାବେ ସଂସଦୀୟ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି, ସେଥିରେ ବାଂଲାଦେଶର ଆଉ ଗୋଟିଏ ଦଳ ମଧ୍ୟ ପ୍ରତିଦ୍ୱନ୍ଦିତା କରିବାକୁ ଯାଉଛି। ସେହି ଦଳଟି ହେଉଛି ବାଂଲାଦେଶର ଅନ୍ୟତମ ଚର୍ଚ୍ଚିତ ଦଳ ବାଂଲାଦେଶ ନ୍ୟାସନାଲ୍ ପାର୍ଟି ଅର୍ଥାତ୍ ବିଏନ୍‌ପି। ଯାହାର ମୁଖିଆ ରହିଛନ୍ତି ତାରିକ୍ ଅନଓ୍ୱର ଯାହାଙ୍କୁ କୌଣସି ଗୋଟାଏ କାରଣରୁ ସେ ବିଦେଶରେ ଦୀର୍ଘ ବର୍ଷ ଧରି ଆତ୍ମନିର୍ବାସନରେ ରହିବା ପରେ ଏବେ ଏବେ ଦେଶକୁ ଫେରି ସେ ନିଜ ନେତୃତ୍ୱରେ ବାଂଲାଦେଶରେ ଗୋଟାଏ ରାଜନୈତିକ ଦଳ ଗଠନ କରି ଏବଂ ତା'ର ନେତୃତ୍ୱ ନେଇ ସେ ଏବେ ଦେଶର ଅନ୍ୟତମ ପ୍ରତିଦ୍ୱନ୍ଦୀ ସଫିକୁର ରେହମାନଙ୍କ ଦଳ ସହିତ ନିଜର ପ୍ରତିଦ୍ୱନ୍ଦିତା କରୁଛନ୍ତି। ବାଂଲାଦେଶର ପାର୍ଲିଆମେଣ୍ଟାରୀ ନିର୍ବାଚନ ପାଇଁ ଯଦି ଦେଶର ଏହିଭଳି ଦୁଇଟି ଦଳ ପ୍ରତିଦ୍ୱନ୍ଦିତା କରନ୍ତି ତେବେ ଏଭଳି ଚରିତ୍ରମାନଙ୍କ ନେତୃତ୍ୱରେ , ଏଭଳି ବ୍ୟକ୍ତିତ୍ୱମାନଙ୍କ ନେତୃତ୍ୱରେ ଦେଶର କିଭଳି ଭାବେ ଉନ୍ନତି ହେବ ଏବଂ ଦେଶର କିଭଳି ଭାବେ ପ୍ରଗତି ହେବ, ତାହା ସହଜରେ ଅନୁମାନ କରାଯାଇପାରେ। ତା'ପରେ ପୁଣି ବାଂଲାଦେଶରେ ରହିଛନ୍ତି ମହମ୍ମଦ ୟୁନୁସ୍‌ଙ୍କ ଭଳି ଜଣେ କରିତକର୍ମା ଯେ କି ନାମକୁ ଖାଲି ପଦରେ ବସିଛନ୍ତି । କାମ କିନ୍ତୁ ଶୂନ। ଶୁଣାଯାଉଛି ସେ କାଳେ ଜଣେ ନୋବେଲ୍ ବିଜେତା। ସେ କେଉଁ କାରଣରୁ ଅବା କେଉଁଥିପାଇଁ ନୋବେଲ୍ ପୁରସ୍କାର ପାଇଲେ, ସେ ବିଷୟରେ ତ ଆମେ ଡାଟା ନେଇପାରୁ , ହେଲେ ମହମ୍ମଦ ମିଆଁ ଭ୍‌କ ବିଷୟରେ ସେମିତି କିଛି ଡାଟା ନେବାର ବିଶେଷ କାରଣ ନାହିଁ, ସେମିତି କିଛି ବିଶେଷ ଆବଶ୍ୟକ ନାହିଁ। କାରଣ ବାଂଲାଦେଶର ରାଜନୈତିକ ଇତିହାସରେ ମହମ୍ମଦ ମିଆଁ ସମ୍ଭବତଃ ସବୁଠାରୁ ଜଣେ ଅଯୋଗ୍ୟ ନେତା ଯାହାଙ୍କ ଶାସନକାଳରେ ଗୋଟାକ ପରେ ଗୋଟାଏ ହିନ୍ଦୁଭାଇମାନଙ୍କୁ ବିନା କାରଣରେ , ନିର୍ଦ୍ଦୋଷରେ ହତ୍ୟା କରାଯାଉଛି। ଶେଖ୍ ହସିନାଙ୍କୁ ଦେଶରୁ ଶାସନଗାଦିରୁ ହଟାଇବା ପରେ ତାଙ୍କୁ ଦେଶର ଅନ୍ତରୀଣ ଶାସନ ମୁଖ୍ୟ ଭାବେ ଶାସନ ଗାଦିରେ ବସାଯାଇଛି। ତେବେ ବର୍ତ୍ତମାନର ଦୁଇ ରାଜନୈତିକ ଦଳ ବିଏନ୍‌ପି ଏବଂ ଆଓ୍ୱାମୀ ଲିଗ୍ ତାଙ୍କ ନିର୍ବାଚନୀ ଇସ୍ତାହାରରେ ଯେଉଁଭଳି ଭାବେ ତଥ୍ୟ ପ୍ରକାଶ କରିଛନ୍ତି, ସେଥିରେ ଦୁଇଟାଯାକ ଦଳ ଭାରତ ସହିତ ସୁସମ୍ପର୍କ ସ୍ଥାପନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ହେଲେ ଏହା କି ବିଶ୍ୱାସଯୋଗ୍ୟ ମୁଖ୍ ମେଁ ହରି ଏବଂ ବଗଲ୍ ମେ ଛୁରୀ ଭଳି କଥାଟା ହେଲା। ଅଧା ସତ, ଅଧା ମିଛ।

## ଲିଙ୍ଗ୍-ପିଙ୍ଗ୍

ଜାପାନର ଦୁଇ ବନ୍ଧୁ ଲିଙ୍ଗ୍ ଏବଂ ପିଙ୍ଗ୍ । ସେମାନେ ମୁଖ୍ୟ ସହରରୁ ବହୁ ଦୂରରେ ରହୁଛନ୍ତି। କେବେ କେବେ ମନ ହେଲେ ସେ ଯାଇ ବୁଲି ଆସୁଥିଲେ ସହର ଆଡ଼େ। ମଝିରେ ମଝିରେ ସେମାନେ ଦେଶର ବିଭିନ୍ନ ସହର ଆଡ଼େ ମୁହାଁଉଥିଲେ। ସେମାନଙ୍କର ବୁଲିବା ନିଶା କିନ୍ତୁ ପ୍ରବଳ ଥିଲା। ମଝିରେ ମଝିରେ ସେମାନେ ସହରର ବିଭିନ୍ନ ଦର୍ଶନୀୟ ସ୍ଥାନକୁ ବୁଲିବାକୁ ଯାଉଥିଲେ। ପ୍ରକୃତରେ ବୁଲିବାରେ ଯେଉଁ ଆନନ୍ଦ, ତାହା କି ଅନ୍ୟଥିରେ ଥାଏ। ଏଣୁ ଅଧିକାଂଶ ସମୟରେ ସେମାନେ ବୁଲାବୁଲିରେ ସେମାନେ ନିଜର ସମୟ ଅତିବାହିତ କରୁଥିଲେ। ତେବେ ଲିଙ୍ଗ୍ ଏବଂ ପିଙ୍ଗ୍ ଯେଉଁ ସ୍ଥାନରେ ରହୁଥିଲେ,ସେହି ସ୍ଥାନର ଅନତିଦୂରରେ ଥିଲା ଗୋଟାଏ ପାହାଡ। ଏମାନେ ଦୁଇ ଜାପାନୀ ବନ୍ଧୁ ବି ମୁଖ୍ୟ ସହରରୁ ବହୁ ଦୂରରେ ଏଭଳି ଗୋଟାଏ ସ୍ଥାନରେ ରହୁଥିଲେ,ଯାହା ଜାପାନର ସହରାଞ୍ଚଳରୁ ତ ବହୁ ଦୂରରେ ଥିଲା ନିଶ୍ଚୟ, ତେବେ ଲିଙ୍ଗ୍ ଏବଂ ପିଙ୍ଗ୍ ରହୁଥିବା ଏକ ଛୋଟ ତଳିଆ ଅଞ୍ଚଳଠାରୁ ଅବଶ୍ୟ କିଛି ଦୂରରେ ରହିଥିଲା ଗୋଟାଏ ପାହାଡ଼ ଯାହାକୁ ଦେଖିବା ପାଇଁ କିନ୍ତୁ ସେମିତି କହେ ବି ପର୍ଯ୍ୟଟକ ଆସୁନଥିଲେ ସେହି ପାହାଡ଼ ପାଖକୁ। କେବେ କେବେ କେମିତି କେଜାଣି କେହି କେହି ଆସିଯାଆନ୍ତି ସେହି ପାହାଡ଼ ପାଖକୁ। କିଛି ଗୋଟାଏ ରହସ୍ୟ ଅବଶ୍ୟ ଛପିରହିଥିଲା ସେହି ପାହାଡ଼ ଉପରେ। ହେଲେ କିଏ ଜାଣେ ସେହି ପାହାଡ଼ ଉପରେ ଅବା ସେହି ପାହାଡ଼ ପାଖରେ କ'ଣ ରହିଛି। ନା ସେ ଜାପାନୀ ଦୁଇବନ୍ଧୁ ଜାଣିଛନ୍ତି ନା ଆମେ ଜାଣିଛୁ। କେହି ତ ଆମେ ସେ ବିଷୟରେ କିଛି ଜାଣିନୁ କାରଣ ଆମେ କେବେ ବି ସେ ସବୁ କିଛି ଦେଖିନୁ । ଆମେ ବା କେମିତି ଦେଖିବୁ ? ଆମେ ଏଠି ମାନେ ଭାରତରେ ପାହାଡ଼ ତ ରହିଲା ଯାଇ ଜାପାନ୍‌ରେ। ହେଲେ ଜାପାନିଜ୍ ଦୁଇ ବନ୍ଧୁ ଲିଙ୍ଗ୍ ଓ ପିଙ୍ଗ୍ ତ ଦେଖିପାରିବେ। ସେମାାନେ ପରା ଜାପାନ୍ ରେ ରହୁଛନ୍ତି। ତେବେ ଦୁଃଖର ବିଷୟ କି ସେମାନେ ବି ଏଯାବତ୍ ସେହି ପାହାଡ଼ ବି ଦେଖିନାହାନ୍ତି। ବେଳେ ବେଳେ ପିଙ୍ଗ୍ କିନ୍ତୁ ସେହି ପାହାଡ଼ ଦେଖିବାର ଇଚ୍ଛା ପ୍ରକାଶ କରେ। ହେଲେ ଜିଙ୍ଗ୍ କିନ୍ତୁ ତାକୁ ବାରମ୍ବାର ଅଟକାଇଦିଏ। କହେ କି କ'ଣ ଅଛି ଯେ ସେ ପାହାଡ଼ରେ ? ତୁ ସେଠାକୁ ଯିବାକୁ ଏତେ ହମ ହମ୍ ହଉଛୁ। ହେଲେ ଦିନେ ପିଙ୍ଗ୍‌ର ଜିଦ୍ ଆଗରେ ହାର୍ ମାନିଲା ଜିଙ୍ଗ୍ ଏବଂ ଦିନେ ଲିଙ୍ଗ୍ ଏବଂ ପିଙ୍ଗ୍ ଦୁଇସାଙ୍ଗ ମିଶି ସେହି ପାହାଡ଼ ପାଖକୁ ଗଲେ ବୁଲିବା ପାଇଁ। କିଛି ସମୟ ପରେ ଫେରି ଆସିଲେ। କିଛି ଦିନ ପରେ ପିଙ୍ଗ୍ କିନ୍ତୁ ପୁଣି ବାହାରିଲା ସେହି ପାହାଡ଼ ଆଡେ। କେତେବେଳେ ଯେ ସେ ଚାଲିଯାଇଛି, ଲିଙ୍ଗ୍ ବି କିଛି ଜାଣିନି। ଦିନ ପାହି ରାତି ହେଲା ଏବଂ ରାତି ପାହି ଦିନ ହେଲା ଅଥଚ ଫେରିଲାନି ପିଙ୍ଗ୍। ଜିଙ୍ଗ୍ ବହୁତ ଖୋଜାଖୋଜି କଲା କିନ୍ତୁ ପାଇଲା ନାହିଁ ତାକୁ । ବୋଧହୁଏ ପାହାଡ଼ ଉପରକୁ ଯାଇ ହଜିଗଲା ସେହି ପାହାଡ଼ ଭିତରେ ।

# ଶରୀର ତତ୍ତ୍ୱରେ ଆତ୍ମା, ପରମାତ୍ମା ଓ ଜୀବାତ୍ମାର ବିଶ୍ଲେଷଣ

### ଡକ୍ଟର ଅମୂଲ୍ୟ କୁମାର ପଣ୍ଡା



ପୁରାତନ କବି ରଘୁନାଥ ଦାସଙ୍କ ଭଜନ ' ବହୁ ଚାଲି ନ ଜାଣଇ ଗୋ ପାଦ ପଡୁଥାଏ ବଙ୍କା' ହୁଏତ ଆପଣମାନେ ସମସ୍ତେ ବିଭିନ୍ନ ଗାୟକଙ୍କ କଣ୍ଠରେ ବେତାରରୁ ଅବା ଟିଭିରୁ କିମ୍ବା ଲୋକଙ୍କ ମୁଖରୁ ନିଶ୍ଚିତ ଶୁଣିଥିବେ। ଏହି ଭଜନ ଶୁଣିବାକୁ ଯେତିକି ମଧୁର ଲାଗେ ଏହାର ମର୍ମ ମଧ ସେତିକି ସାରଗର୍ଭକ। ଅର୍ଥାତ୍ ଏହା ଏକ ଶରୀର ତତ୍ତ୍ୱକୁ ନେଇ ମୂଲ୍ୟବାନ ଲେଖା ବା ଭଜନ ଯାହାକୁ ଅତି ସୁନ୍ଦର ଭାବରେ ରଘୁନାଥ ଦାସ ଲେଖି ଯାଇଛନ୍ତି। ଭଜନ। ଏହି ଭଜନର ପ୍ରକୃତ ଅର୍ଥ ତଥା ଏଥିରେ ଅନ୍ତର୍ନିହିତ ଥିବା ଶରୀରତତ୍ତ୍ୱ କଥାକୁ ବିଶେଷ ଭାବରେ ବର୍ଣ୍ଣନା କରାଯାଇଛି। ଆସନ୍ତୁ ଜାଣିବା ଏହି ଭଜନର ସମସ୍ତ ପଂକ୍ତିର ଅନ୍ତର୍ନିହିତ କଥାକୁ । ଏହି ଭଜନ ଟିରେ ଛଅ ଗୋଟି ପଂକ୍ତି ଅଛି ଓ ଏହା ଶରୀର ତତ୍ତ୍ୱର ଜୀବ ପରମ ଉପରେ ବିଶେଷ ଆଧାରିତ।

ଭଜନର ପ୍ରଥମ ପଦ ହେଲା - ବୋହୂ ଚାଲି ନ ଜାଣଇ ଗୋ /ପାଦ ପଡୁଥାଏ ବଙ୍କା - ଯେଉଁ ଦିନ ବୋହୂ ସଳଖି ଚାଲିବ / ଘରେ ପଡ଼ିଯିବ ଡକା। ଏଠାରେ ପ୍ରାଣବାୟୁ କୁ ଏକ ନବାଗତ ବଧୂ ସହିତ ତୁଳନା କରିଛନ୍ତି । ଏ ଶରୀର ରୂପକ ଘରର ବୋହୂ ହେଉଛି ପ୍ରାଣବାୟୁ । ଶରୀରରେ ପାଞ୍ଚ ବାୟୁ ପ୍ରବାହିତ । ସେମାନେ ହେଲେ ପ୍ରାଣ , ଅପାନ , ସମାନ , ବ୍ୟାନ ଓ ଉଦାନ । ପ୍ରାଣବାୟୁ ବାମ ନାସାପୁଟ , ଦକ୍ଷିଣ ନାସାପୁଟ ରେ ପ୍ରବାହିତ । ଏହାକୁ ଚନ୍ଦ୍ରାୟଣ , ସୂର୍ଯ୍ୟାୟଣ କୁହାଯାଏ । ନିଶ୍ୱାସ , ପ୍ରଶ୍ୱାସର ଗତିକୁ ପ୍ରାଣବାୟୁ କୁହାଯାଏ । ଏହାର ସ୍ୱାଭାବିକ ଗତି ବାର ଆଙ୍ଗୁଳ । ନିଶ୍ୱାସରେ ଯାଏ ଦ୍ୱାଦଶ ଆଙ୍ଗୁଳ ଆଉ ପ୍ରଶ୍ୱାସରେ ଆସେ ଦ୍ୱାଦଶ ଆଙ୍ଗୁଳ । ଶରୀରର ଭିନ୍ନ ଭିନ୍ନ କ୍ରିୟାରେ ଭିନ୍ନ ଭିନ୍ନ ଆଙ୍ଗୁଳ ପ୍ରାଣବାୟୁ ପ୍ରବାହିତ ହୁଏ । ବୋହୂର ପାଦ ସୀମିତ ବ୍ୟବଧାନରେ ବାର ଆଙ୍ଗୁଳ ମଧ୍ୟରେ ବଙ୍କେଇ ବଙ୍କେଇ ଚାଲୁଥାଏ ପାଦକୁ ଥାପି ଥାପି । ମାତ୍ର ଯେତେବେଳେ ସିଧା ଚାଳନା କରେ ସେତେବେଳେ ଆମେ କହୁ ଗୋଟିକିଆ ପକାଇଲାଣି ଉର୍ଦ୍ଧ ନିଶ୍ୱାସ ନେଲାଣି ଶେଷ ସମୟ ହେଲାଣି ବୋଲି କହିଥାଉ ତାହା ହେଲା ପ୍ରାଣବାୟୁର ବେଗ ବଢ଼ିଯାଏ ଅର୍ଥାତ୍ ସଳଖି ଚାଲି ବାର ଆଙ୍ଗୁଳ ରୁ ତେର ଆଙ୍ଗୁଳ ହୋଇଯାଏ ଆଉ ସେତେବେଳେ ଶରୀର ଛାଡି ପ୍ରାଣବାୟୁ ଚାଲିଯାଏ । ଆତ୍ମୀୟ ସ୍ୱଜନ ମାନେ ଡକା ପକାନ୍ତି ଅର୍ଥାତ୍ ବାହୁନି ବାହୁନି କ୍ରନ୍ଦନ ବା ବିଳାପ କରିଥାନ୍ତି ।

ଭଜନର ଦିତୀୟ ପଦ - ଯେଉଁଦିନ ବୋହୂ ବାପ ଘର ଠାରୁ /ଅଇଲା ଶଶୁର ଘରକୁ - ଆପଣା ପତିର ସଙ୍ଗେ ସଙ୍ଗ ନାହିଁ /ରସରେ ରସାଏ ପରକୁ। ଏଠାରେ ଜୀବାତ୍ମା ମାତୃ ଗର୍ଭରେ ଥିଲା । ଏହା ହିଁ ବୋହୂର ବାପଘର । ବିଶ୍ୱପତି ତାକୁ ମାତୃ ଗର୍ଭରେ ସ୍ଥାନ ଦେଲେ । ମାତୃ ଗର୍ଭରେ ଜୀବ ଥିଲା ବେଳେ ପରମାତ୍ମାଙ୍କୁ ଭଜୁଥିଲା ଓ କହୁଥିଲା ହେ ପ୍ରଭୁ , ଯଦି ମୋତେ ମର୍ତ୍ତ୍ୟ ମଣ୍ଡଳରେ ଜନ୍ମ ଦେବାର ସୁଯୋଗ ଦିଅନ୍ତି , ତେବେ ମୁଁ ଆପଣଙ୍କୁ ନିରନ୍ତର ଭଜୁଥିବି । ଜୀବ ଯେବେ ଶଶୁର ଘରକୁ ବୋହୂ ହୋଇ ଆସିଲା ଅର୍ଥାତ୍ ମର୍ତ୍ତ୍ୟରେ ଜନ୍ମ ଲାଭ କଲା , ସେତେବେଳେ ସେ ମାତୃ ଗର୍ଭରେ ଆପଣା ପତି ଅର୍ଥାତ୍ ପରମାତ୍ମାଙ୍କୁ ଦେଇଥିବା କଥା ଭୁଲିଗଲା । ସାଂସାରିକ ବନ୍ଧନରେ ବାଂଧି ହୋଇ ସମସ୍ତଙ୍କର ଆନନ୍ଦର କାରଣ ହେଲା ଓ ଆପଣା ପତିର ସଙ୍ଗେ ସଙ୍ଗ ଛାଡ଼ି ଅର୍ଥାତ୍ ନିଜ ପତି ବା ପରମାତ୍ମାଙ୍କୁ ଭୁଲି ସେ ସଂସାର ମୋହ ମାୟାରେ ପଡ଼ି ପରକୁ ଅର୍ଥାତ୍ ସଂସାରର ଲୋକମାନଙ୍କୁ ରସରେ ରସାଇଲା ଓ ନିଜର ଇଷ୍ଟଦେବ ସ୍ୱାମୀଙ୍କୁ ସମ୍ପୂର୍ଣ୍ଣ ଭୁଲିଗଲା ।

ଭଜନର ତୃତୀୟ ପଦ - ପାଞ୍ଚ ଭଲ ଲୋକ ବୁଝାଇ କହିଲେ /ନ ବୁଝିଲା ବୋହୂ ତିଳେ - ଅନ୍ନ ପାଣି ବୋହୂ କିଛି ନ ଖାଇଣ /ରହିଛି ଶୂନ୍ୟ ଆହାରେ। ଏଠାରେ ଗାଆଁର ପାଞ୍ଚ ଜଣ ଭଦ୍ର ଲୋକ ଆସି ବୋହୂକୁ ବୁଝାସୁଝା କଲେ, ଅର୍ଥାତ୍ ସେଇ ପାଞ୍ଚ ଭଦ୍ରଲୋକ ହେଲେ ପାଞ୍ଚ ମନ । ସେମାନେ ହେଲେ ମନ , ଅମନ , ବିମନ , କୁମନ ଓ ସୁମନ । ଶରୀର ରୂପକ ବୃକ୍ଷରେ ଆତ୍ମା ଓ ପରମାତ୍ମା ତଥା ଜୀବ ଓ ପରମ ରୂପରେ ଦୁଇଟି ପକ୍ଷୀ ବାସ କରନ୍ତି ଓ ଜୀବ ଭୋକ୍ତା ରୂପେ କର୍ମଫଳ ଭୁଞ୍ଜୁଥାଏ । ଏ ପାଞ୍ଚ ମନ ଯେତେ ଚେଷ୍ଟା କଲେ ମଧ୍ୟ ବୋହୂ ସେମାନଙ୍କ କଥାକୁ ହେୟ କରିଥାଏ । ଅନ୍ନ ପାଣି ବୋହୂ ନ ଖାଇଣ ତଥା ଶୂନ୍ୟ ଆହାରେ ମାନେ ପରମାତ୍ମା ନିଲିପ୍ତ , ନିର୍ବିକାର ଓ ଅନଶନ ରହି ଜୀବର ଗତିବିଧି ଲକ୍ଷ୍ୟ କରନ୍ତି । ଭୋଗ , ଲାଳସା , କାମନା , ବାସନା ଆଦି ସାଂସାରିକ ମାୟା ତାକୁ ସ୍ୱର୍ଶ କରି ପାରେ ନାହିଁ । ଏହି ଅର୍ଥରେ ଅତିବଡି ଜଗନ୍ନାଥ ଦାସ ଭାଗବତରେ ଲେଖିଲେ - 'ଏକଇ ବୃକ୍ଷେ ହଂସ ଦୁଇ / ବସନ୍ତି ମିତ୍ର ଭାବ ବହି । ସମାନ ବୃକ୍ଷେ ସେ ବସନ୍ତି / ଏବେ ଆରକେ ନ ଦେଖନ୍ତି । ସେ ବୃକ୍ଷେ ଯେତେ ଫଳ ଫଳେ / ଏକ ଭୁଞ୍ଜଇ କର୍ମ ବଳେ। ଆରକେ ଥାଏ ଭବବାସେ / ନିର୍ଲିପ୍ତ ନିରଞ୍ଜନ ଆଶେ '

ଭଜନର ଚତୁର୍ଥ ପଦ - ପଚିଶ ନଣନ୍ଦ ଜଞ୍ଜାଳ କରନ୍ତି /ବୋହୂ ମୋର ବାରୁଆଳୀ - ବୋହୂ ଦୁରୁ ଦଣ୍ଡୀ ସହି ନ ପାରଇ /ବୁଲଇ ପଡ଼ିଶା ଓଳି। ଏଠାରେ ଜୀବାତ୍ମା ରୂପୀ ବୋହୂର ପଚିଶ ନଣନ୍ଦ ହେଲେ , ପଚିଶ ପ୍ରକୃତି । ଅର୍ଥାତ୍ ଏକାଦଶ ଇନ୍ଦ୍ରିୟ + ଏକାଦଶ ବିଷୟ + ବୁଦ୍ଧି + ଅହଂ + ମହତ୍ = ୨୫ ପ୍ରକୃତି । ଏମାନେ ହେଲେ :- ନିଦ୍ରା , କ୍ଷୁଧା , ତୃଷ୍ଣା , ଆଳସ୍ୟ , ଆହାର , କ୍ରୋଧ , ଲୋଭ , କାମ , ହାସ୍ୟ , ଲଜ୍ଜା , ହିଂସା , ବୀରତ୍ୱ , ବିଚାର , ବିଚଳିତ , ଶାନ୍ତି , ଅଶାନ୍ତି , କୁଟ , ଗନ୍ଧ , ରସ , ସ୍ୱର୍ଶ , ବିତୃଷ୍ଣା , ଭୟ , ଅଭିମାନ , ଲାଳସା ଓ ମୈଥୁନ । ଏହି ନଣନ୍ଦ ମାନେ ବୋହୂକୁ ବାରୁଆଳୀ କରି ଆକ୍ଷେପ କରନ୍ତି । କିନ୍ତୁ ସେ ଦୁର୍ଦ୍ଦଣ୍ଡୀ ବୋହୂ ଏମାନଙ୍କ କଥାକୁ ଭ୍ରୁକ୍ଷେପ ନକରି ମୁକ୍ତ ଭାବେ ସବତ୍ର ଭ୍ରମଣ କରେ । ଅର୍ଥାତ୍ ଆତ୍ମା ଏକ ନିର୍ଦ୍ଦିଷ୍ଟ ଶରୀର ରୂପକ ଘରେ ଆବଦ୍ଧ ନ ରହି ଘଟରୁ ଘଟାନ୍ତର ତଥାଦେହରୁ ଦେହାନ୍ତର ବୁଲୁଥାଏ ।

ଭଜନ ର ପଞ୍ଚମ ପଦ - ବୋହୂ ଗୋଟିକ ମୁଁ କରି ଆଣିଥିଲି /କାଉନ୍ଦା ଘରର ଝିଅ - ବାଞ୍ଝ କରକଟୀ ନୁହଁଇ ଲମ୍ପଟୀ / ବୋହୂ ଆଡେ ତିନି ପୁଅ। ଏଠାରେ ମାତୃଜର ରୂପକ କାଉନ୍ଦା ଘରୁ ବୋହୂ ଆସିଛି । ସେ ବନ୍ଧ୍ୟା ବା ବାଞ୍ଝ ନୁହେଁ କି ମୃତ ବତ୍ସା ନୁହେଁ କି ଦୋଚାରୁଣୀ ବା ବ୍ୟାଭିଚାରଣୀ ମଧ୍ୟ ନୁହେଁ । କାରଣ ସେ ସତ୍ତ୍ୱ ( ସାତ୍ତ୍ୱିକ ) ତମ ( ତାମସିକ ) ଓ ରଜ ( ରାଜସିକ ) ନାମକ ତିନି ସନ୍ତାନର ଜନନୀ । ପ୍ରତ୍ୟେକ ଜୀବର ଏହି ତିନୋଟି ଗୁଣ ଥାଏ । ଭାଗବତରେ ଏହାକୁ ତିନୋଟି ଦଉଡି ବୋଲି କୁହାଯାଇଛି । ଯେଉଁ ଦଉଡ଼ିକୁ ଧରି ପରମାତ୍ମା ଜୀବାତ୍ମାକୁ ନଚାଉଛନ୍ତି। ' ତ୍ରିଗୁଣ ରଜ୍ଜୁ କରେ ଧରି / ମୃଗୀ ଚରାଏ ନରହରି '

ଭଜନ ର ଷଷ୍ଠ ପଦ - ପୁଅ ବୋହୂ ଦୁହେଁ ଏକତ୍ର ହୋଇଲେ /ଚତୁର୍ବର୍ଗ ଫଳ ପାଇ - ରଘୁନାଥ ଦାସ ଭରସା କରିଛି / ବୋହୂକୁ ଭେଟିବା ପାଇଁ। ଏଠାରେ ପୁଅ ବୋହୂଙ୍କର ମନ ମିଳିଲେ ଘର ବୈକୁଣ୍ଠରେ ପରିଣତ ହୋଇଯାଏ । ପୁଅ ବୋହୂଙ୍କର ଏକତ୍ର ଭେଟ ହେବା ଅର୍ଥ ଜୀବାତ୍ମା ସହ ପରମାତ୍ମାଙ୍କ ମିଳନ ହେବା । ଏହି ମିଳନ ହେଲେ ଚତୁର୍ବର୍ଗ ଫଳ ପ୍ରାପ୍ତି ହୋଇଥାଏ । ଅର୍ଥାତ୍ ଧର୍ମ , ଅର୍ଥ , କାମ ମୋକ୍ଷ ଲାଭ ହୋଇଥାଏ । ଏହାକୁ ପୁରୁଷାର୍ଥ ମଧ୍ୟ କୁହାଯାଏ । ମଣିଷ ଜନ୍ମ ସାର୍ଥକ ହୋଇଥାଏ । ବୋହୂକୁ ଭେଟିବା ପାଇଁ ଅପେକ୍ଷାରେ କବି ଅର୍ଥାତ୍ କବି ରଘୁନାଥ ଆତ୍ମସାକ୍ଷାତକାର ପାଇଁ ଆଶାୟୀ ହୋଇଛନ୍ତି । ଆତ୍ମା ପରମାତ୍ମା ମିଳନ ହୋଇଗଲେ ସେମାନେ ପୁରୁଣା ଘର ( ଶରୀର ) କୁ ଛାଡ଼ି ନୂଆ ଘର ( ନବକଳେବର ) କୁ ଚାଲିଯାଆନ୍ତି । 'ଜୀବ ପରମ ଦୁହିଁଙ୍କର ବିଚାର / ଚାଲ ଏ ଘରୁ ହୋଇଯିବା ବାହାର। ଏହା ଏକ ମୂଲ୍ୟବାନ କବିତା ତଥା ପଦାବଳୀ ଯାହା ଆଜି କାଲିର ପିଢି ମାନେ ଏ ଭଜନ ବୁଝିବା ତ ଦୂରର କଥା ଜାଣି ମଧ ନ ଥିବେ। ଏହାକୁ ସମସ୍ତେ ହୃଦୟଙ୍ଗମ କରିପାରିଲେ ଜୀବନତତ୍ତ୍ୱ ଉପରେ ବହୁ କିଛି ଜାଣିପାରନ୍ତେ।

**ଅରଙ୍ଗାବାଦ ବରୀ ଯାଜପୁର**
**ମୋବାଇଲ - ୮୨୪୯୫୦୨୭୭୬**

# ପାଠ୍ୟ ପୁସ୍ତକରେ ରହୁ ଦୁର୍ନୀତି ଲକ୍ଷ୍ମୀଙ୍କ ଚେତନା

### ରଘୁନାଥ ମହାପାତ୍ର

ଆମ ହିନ୍ଦୁ ସମାଜରେ ଧନଧାନ୍ୟ ଓ ସୁଖ ସମୃଦ୍ଧି ଲାଭ ପାଇଁ ଲକ୍ଷ୍ମୀଙ୍କୁ ପୂଜା କରାଯାଏ। ଘରର ନବ ବଧୂମାନେ ହେଲେ ଗୃହଲକ୍ଷ୍ମୀ, ରାଜ ଉଆସରେ ପୂଜା ପାଉଥିବା ଦେବୀ ହେଲେ ରାଜଲକ୍ଷ୍ମୀ, ମନ୍ଦିରରେ ପୂଜା ପାଉଥିବା ଦେବୀ ହେଲେ ଶ୍ରୀଲକ୍ଷ୍ମୀ, ମହାଲକ୍ଷ୍ମୀ, କୁମାର ପୂର୍ଣ୍ଣମୀରେ ପୂଜା ପାଉଥିବା ଦେବୀ ହେଲେ ଗଜଲକ୍ଷ୍ମୀ। ଲକ୍ଷ୍ମୀଙ୍କର ଅନେକ ରୂପ ଅନେକ ନାମ ରହିଛି। ସାତ୍ତ୍ୱିକ ପୂଜା କଲେ ଲକ୍ଷ୍ମୀ ଯାହା ଦାନ କରନ୍ତି ସେଥିରେ ପରିବାରର ମଙ୍ଗଳ ହୁଏ କର୍ତ୍ତାଙ୍କର ଧନ ସଂପଦ ବୃଦ୍ଧି ଘଟେ। ଏକଦା ଓଡ଼ିଶାର ଜଣେ ପ୍ରଖ୍ୟାତ ରାଜନେତା ମନ୍ତବ୍ୟ ଦେଇଥିଲେ 'ଦୁର୍ନୀତିକୁ ନୀତି କରିଦେଲେ ସବୁ ଚଳିଯାଆନ୍ତା'। ତାଙ୍କ କଥାକୁ ନିରୀଖେଇ ଦେଖିଲେ ଜଣାଯାଏ କଥାଟା ବାସ୍ତବିକ ଅତ୍ୟୁକ୍ତି ନୁହେଁ।

କିନ୍ତୁ ବର୍ତ୍ତମାନ ଯୁଗରେ ଆଉ ଲୋକମାନେ ଲକ୍ଷ୍ମୀଙ୍କର ସାତ୍ତ୍ୱିକ ପୂଜା ଉପାସନା କରି ଧନ ମାଗୁ ନାହାଁନ୍ତି। ଏ ସାତ୍ତ୍ୱିକ ପୂଜାର ଧନ ସାଧାରଣ ଭାବେ ଆସେ ସାଧାରଣ ଭାବେ ଖର୍ଚ୍ଚ ହୁଏ। କିନ୍ତୁ ଦୁର୍ନୀତିଗସ୍ତ ସରକାରୀ କର୍ମଚାରୀ, ରାଜନେତା ଏମାନେ ଅଳ୍ପ ଧନରେ ସନ୍ତୁଷ୍ଟ ନୁହଁନ୍ତି। ଏମାନଙ୍କର ଉପାସନାର ଦେବୀ ହେଲେ ଦୁର୍ନୀତି ଲକ୍ଷ୍ମୀ। ଏମାନେ ଦୁର୍ନୀତି ଲକ୍ଷ୍ମୀଙ୍କ ଉପାସନା କରି ମାଗନ୍ତି ଟଙ୍କା ଦେ, ସୁନା ଦେ, ଭୂମି ଦେ, କୋଠା ଦେ, ଗାଡ଼ି ଦେ, ଘୋଡ଼ା ଦେ ଉଚ୍ଚପଦବୀ ଦେ। ଏମାନଙ୍କ ବ୍ୟାକୁଳତାରେ ଲକ୍ଷ୍ମୀ ମୃଦୁ ମୃଦୁ ହସନ୍ତି ଏବଂ ହାତ ଖୋଲି ଏମାନଙ୍କ କୋଳରେ ଟଙ୍କା, ସୁନା, ରୂପା, କୋଠା, ଜମି, ଗାଡ଼ି ସବୁ ଦେଇ ଦିଅନ୍ତି। ସେତେବେଳେ ଏହି ଦୁର୍ନୀତିର ଉପାସକମାନେ ଛାତି ଫୁଲେଇ, ନିଶ ଫୁଲେଇ ସେମାନଙ୍କର ପାରିବାର ପଣିଆ ଦେଖାନ୍ତି। ପିତା, ମାତା, ଭାଇ ବନ୍ଧୁ, ଶାଶୁ ଶଶୁର ସମସ୍ତେ ଚମତ୍କୃତ ହୁଅନ୍ତି କହି ବୁଲନ୍ତି ଆମ ପୁଅ ମନ୍ତ୍ରୀଙ୍କ ଡାହାଣ ହାତ ଯାହା ଚାହିଁବ ତାହା କରିପାରିବ। ସବୁ ବଡ଼ ବଡ଼ିଆ ହାତ ମୁଠାରେ, କେହି କିଛି କରିପାରିବେ ନାହିଁ। ଦୁର୍ନୀତି ଉପାର୍ଜିତ ଧନ ବଢ଼ି ବଢ଼ି ଚାଲେ।

ହଠାତ୍ ଦିନେ ଭୋର ଚାରିଟା ବେଳେ ବାବୁଙ୍କ ଘର ଚାରିକଡ଼ରେ ଘେରି ଯାଆନ୍ତି ପୁଲିସ ଦଳ। କଲିଙ୍ଗ ବେଲ ବାଜିଉଠେ, ବାବୁ ବିଛଣାରୁ ଉଠି ବାହାରି ଆସନ୍ତି ଦୋତାଲର ବାଲକୋନୀ ଉପରକୁ। ପୁଲିସ ଦଳ କବାଟ ଠକ ଠକ କରନ୍ତି ସାର କବାଟ ଖୋଲନ୍ତୁ। କୋର୍ଟରୁ ଓ୍ୱାରଣ୍ଟ ଧରି ଆସୁଛୁ ଆପଣଙ୍କ ଘର ଖାନତଲାସ ହେବ। ବାବୁଙ୍କ ମୁହଁ କଳା କାଠ ପଡ଼ିଯାଏ। ପଳେଇ ଯିବାର ବାଟ ନାହିଁ। କବାଟ ଖୋଲିଯାଏ ପୁଲିସ ଦଳ ସବୁ ଘରକୁ ଜଗି ଯାଆନ୍ତି, ଚାଲେ ଖାନତଲାସ। ଆଲମାରି ଭିତରେ ପାଞ୍ଚ ଶହ ଟଙ୍କିଆର ନୋଟ ବିଡ଼ା ଥାକ ଥାକ ହୋଇ ଖୁନ୍ଦି ହୋଇଛି। ଆଇରନ ଚେଷ୍ଟ ଭିତରେ କିଲୋ କିଲୋ ସୁନାର ଗହଣା। ଭିଜିଲାନ୍ସ ବାଲାଙ୍କର ଆଖି ଖୋସି ହୋଇଯାଏ। ମେସିନି ଆଣି ଟଙ୍କା ଗଣାଯାଏ। କେଉଁଠି କୋଟିଏ ଭିତରତ କେଉଁଠି କୋଟି କୋଟିର ବଣ୍ଡଲ। କେବଳ ସେତିକି ନୁହେଁ ସହର ଭିତରେ ଅନେକ ପ୍ଲଟ କୋଠା, ଗାଡ଼ି ଆହୁରି ଅଚଳା ଚଳ ସମ୍ପତ୍ତିର କାଗଜପତ୍ର। କାହାର ରାଜ୍ୟ ବାହାରେ ତ କାହାର ଦେଶ ବାହାରେ ମଧ କୋଠା ବାଡ଼ି ଆହୁରି ମଧ ବ୍ୟାଙ୍କ ବାଲାନ୍ସ।

ସେତିକି ବେଳେ ଲକ୍ଷ୍ମୀ ଠାକୁରାଣୀ ସେ ଘର ଛାଡ଼ି ଚାଲିଯାଆନ୍ତି। ପ୍ରବେଶ କରନ୍ତି ଅଲକ୍ଷ୍ମୀ। ସକାଳୁ ସକାଳୁ ଧରା ପଡ଼ିଥିବା ବାବୁ ମାନଙ୍କ ଫଟୋ ସହିତ ଗଣମାଧମରେ ବାହାରି ପଡ଼େ ବଡ଼ ବଡ଼ ଖବର। ଦୁର୍ନୀତି ଗ୍ରସ୍ତ ତହସିଲଦାରଙ୍କ ଠାରୁ ପୁଲିସ ଅଫିସର, ଇଞ୍ଜିନିୟରଙ୍କ ଠାରୁ ସିଭିଲ ସପ୍ଲାଏ ଅଫିସର, ଫରେଷ୍ଟରଙ୍କ ଠାରୁ କେଡ଼େ କେଡ଼େ ବିଭାଗର ଟାଣୁଆ ଟାଣୁଆ ଅଫିସରଙ୍କ ନାମ ହାତ କଡ଼ି ପଡ଼ି ଯାଆନ୍ତି ଜେଲକୁ। ଏହି ବାବୁମାନେ କେବଳ ନିଜେ ଲଜ୍ଜିତ ହୁଅନ୍ତି ନାହିଁ। ପିତା, ମାତା, ଶାଶୁ ଶଶୁର, ଭାଇ, ବନ୍ଧୁ, ଆତ୍ମୀୟ ସ୍ୱଜନ ସମସ୍ତଙ୍କୁ ଲଜ୍ୟାରେ ବୁଡ଼ାଇ ଦିଅନ୍ତି। ସମସ୍ତଙ୍କ ମୁହଁ କଳା ପଡ଼ିଯାଏ। ଯେଉଁମାନେ ଦିନେ ତାଙ୍କୁ ମନ୍ତ୍ରୀଙ୍କ ଡାହାଣ ହାତ ବା ପାଓ୍ୱାରଫୁଲ ବଡ଼ ନେତା ବା ବଡ଼ ଅଫିସରଙ୍କ ପାଖ ଲୋକ ବୋଲି କହୁଥିଲେ ଏବେ କ'ଣ କହିବେ ସେ ଶବ୍ଦ ତାଙ୍କୁ ବୋଧେ ହୁଏ ମିଳୁନାହିଁ।

ଦୁର୍ନୀତି କ'ଣ ଏବଂ ଏହାର କୁପ୍ରଭାବ କିଭଳି ସମାଜ ଉପରେ ପଡୁଛି ଏକଥା ପିଲାଏ ଜାଣିବା ଉଚିତ। ବାପା ଠିକ ସମୟରେ ଅଫିସ ଯାଆନ୍ତି ନାହିଁ, ଲଞ୍ଚବ୍ରେକରେ ଘରକୁ ଖାଇବାକୁ ଆସି ପୁଣି ୩ଟା ୪ଟା ବେଳେକୁ ଅଫିସ ଯାଆନ୍ତି। ଗୋଟେ ସରକାରୀ କାମ ପାଇଁ ବାପାଙ୍କ ପାଖକୁ ଲୋକେ ବାରମ୍ବାର ଦୌଡ଼ନ୍ତି, ଘରକୁ ବି ଆସନ୍ତି। ଟଙ୍କା ନଦେଲେ ସରକାରୀ କାମ ହୁଏନି - ଏସବୁ ଯେ ଦୁର୍ନୀତି ଅନ୍ତର୍ଭୁକ୍ତ ଏକଥା ପିଲାଏ ଜାଣିବା ଉଚିତ ପିଲାଟି ବେଳୁ। ତାହେଲେ ସେମାନେ ବାପାଙ୍କୁ ପଚାରି ପାରିବେ ଏତେ ଡେରିରେ କ'ଣ ଅଫିସ ଯାଉଛ ? ବାପାମାନେ ମଧ ସଚେତନ ହେବେ।

ଠିକାଦାର ସଠିକ ଭାଗମାପର କଂକ୍ରିଟ ନ ଗୋଳାଇବା କାରଣରୁ ଛାତ ଭୁଶୁଡ଼ି ପଡୁଛି, କାମ ସରୁ ସରୁ ରାସ୍ତାରୁ ପିଚୁ ଉଠିଯାଉଛି। ଏଥିରେ ବିଭାଗୀୟ ମନ୍ତ୍ରୀ ଏବଂ ଯନ୍ତ୍ରୀଙ୍କ ସହଯୋଗ ରହୁଛି, ସେମାନଙ୍କ ସହଯୋଗ ବିନା ଠିକାଦାର ଏସବୁ କାମ ମୋଟେ କରିପାରନ୍ତାନି ଏସବୁ ପିଲାଏ ଜାଣିବା ଉଚିତ। ବିକାଶର ବାଧକ ଦୁର୍ନୀତି, ଏଥି ସହିତ ହତ୍ୟା, ଅପରାଧ, ଦୁଷ୍କର୍ମ, ନକଲି ଖାଦ୍ୟର ବଜାର ସୃଷ୍ଟି ହେବା ପଛରେ ବି ଦୁର୍ନୀତିର ହାତ ରହିଛି ଏକଥା କ'ଣ ପିଲାଟିଏ ଜାଣିଛି ? ସିଏ ଜାଣେ ଲାଞ୍ଚ ନେବା ହିଁ ଏକମାତ୍ର ଦୁର୍ନୀତି ପର୍ଯ୍ୟାୟଭୁକ୍ତ।

ସାର ସ୍କୁଲରେ ମନଦେଇ ପଢ଼ାନ୍ତି ନାହିଁ, ଟିଉସନରେ ଖୁବ ଭଲ ପଢ଼ାନ୍ତି। ଡାକ୍ତରମାନେ ଡାକ୍ତରଖାନାରେ ରୋଗୀଙ୍କୁ ଯେଉଁମାନଙ୍କର ସେବା ଯୋଗାନ୍ତି ତାଠାରୁ ଉନ୍ନତମାନର ସେବା ଘରୋଇ ହସ୍ପିଟାଲ ଏବଂ ନର୍ସିଂହୋମରେ ସେଇ ଡାକ୍ତର ଯୋଗାଇଥାନ୍ତି - ଏସବୁ ଯେ ଦୁର୍ନୀତିଏକଥା ପିଲାଟି ଜାଣୁ। ନେତାମାନେ ନିର୍ବାଚନ ବେଳେ ଯେଉଁସବୁ ପ୍ରତିଶ୍ରୁତି ଦେଇଥାନ୍ତି ତା'ର ଖିଲାପ ଯେ ଦୁର୍ନୀତି ଏସବୁ କ'ଣ ପିଲାଏ ଜାଣିଛନ୍ତି ? ସେମାନେ ଦୁର୍ନୀତିକୁ ଘୃଣା କରନ୍ତୁ ପିଲାଟି ଦିନୁ। ଏହାର ପ୍ରଭାବ ସେମାନେ ବଡ଼ ହୋଇ ଚାକିରି କରିବା ସମୟରେ ନିଶ୍ଚେ ପଡ଼ିବ ଏବଂ ସମାଜରେ ସୁଧାର ଆସିବ ବୋଲି ଆମେ ଆଶା କରିପାରିବା। ପ୍ରତିଦିନ ଦୁର୍ନୀତି ଜାଲରେ ପଡୁଥିବା ସରକାରୀ ବାବୁମାନଙ୍କ ଭିତରେ ଯେ ଯୁବ ଅଧିକାରୀଙ୍କ ସଂଖ୍ୟା ଅଧିକ ଏହାକୁ ଏଡ଼ାଇ ଦେଇହେବ ନାହିଁ। ଯୁବକମାନେ ମଧ ଦୁର୍ନୀତିଗ୍ରସ୍ତ ହେଉଛନ୍ତି। ଏମାନେ ସ୍କୁଲରେ ପଢ଼ିବା ବେଳେ ଦୁର୍ନୀତି ସମ୍ପର୍କିତ କୌଣସି ପାଠ୍ୟକ୍ରମ ଥିଲା କି ? ନଥିଲା। ତେଣୁ ଏ ନୂଆ ବିଷୟଟିକୁ ପରୀକ୍ଷାମୂଳକ ଭାବରେ ଯୋଡ଼ାଗଲେ କ୍ଷତି କ'ଣ ? ଦେଖାଯାଉ ଏହାର ପ୍ରଭାବ କ'ଣ ପଡୁଛି ? ଶିକ୍ଷା ଉପରେ ତ ନୂଆ ନୂଆ ଗବେଷଣା ଚାଲିଛି।

ଏତେ କଥା କହିବାର ଅସଲ ଉଦ୍ଦେଶ୍ୟଟି ହେଲା ବିଦ୍ୟାଳୟ ସ୍ତରୀୟ ଶିକ୍ଷା ପାଠ୍ୟକ୍ରମର ସଂସ୍କାର ଓ ପାଠ୍ୟପୁସ୍ତକ ବିକାଶ ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମୀକ୍ଷା କରିଛନ୍ତି। ସେ କହିଛନ୍ତି ୨୦୨୬-୨୭ ଶିକ୍ଷା ବର୍ଷରୁ ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟପୁସ୍ତକ ପ୍ରଚଳନ କରାଯିବ। ଏହା ଓଡ଼ିଶା ରାଜ୍ୟ ପାଠ୍ୟକ୍ରମ ଢ଼ାଞ୍ଚା ଉପରେ ଆଧାରିତ ହେବ। ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମାତୃଭାଷାରେ ଶିକ୍ଷାଦାନକୁ ସୁଦୃଢ଼ କରାଯିବ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ଛାତ୍ରଛାତ୍ରୀଙ୍କ ସାମୁହିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ତିନୋଟି ନୂତନ ବିଷୟ ଯଥା - କଳାଶିକ୍ଷା, ଶାରୀରିକ ଶିକ୍ଷା ଓ ସୁସ୍ଥତା ଏବଂ ଧନ୍ଦାମୂଳକ ଶିକ୍ଷାରେ ପାଠ୍ୟପୁସ୍ତକ ପ୍ରଚଳନ ହେଉଛି। ଏଥିରେ ଦୁର୍ନୀତିର କୁପ୍ରଭାବକୁ ମଧ ଯୋଡ଼ାଗଲେ ସମାଜରେ ଅନେକେ ସୁଧାର ଆସିପାରନ୍ତା ବୋଧେ।

ହେ ଦୁର୍ନୀତି ଗ୍ରସ୍ତ ବାବୁମାନେ ତୁମେ ଯେଉଁ ଧନ ଚୋରୀ କରିଛ ସେ ଧନ ସରକାରଙ୍କର ନୁହେଁ। ସେ ଟଙ୍କା ହେଉଛି ସାଧାରଣ ଲୋକଙ୍କ ଟ୍ୟାକ୍ସ ଟଙ୍କା। ସାଧାରଣ ଲୋକଙ୍କ ଟଙ୍କାକୁ ଚୋରୀ କରି ତୁମ ବଡ଼ ଲୋକ ହେବାର ଯେଉଁ ସ୍ୱପ୍ନ ଦେଖୁଛ ତାହା ସଫଳ ହେବନାହିଁ। ଟଙ୍କା ପଇସା ଯିବ, ସୁନା ରୂପା, ଗହଣା ଯିବ ତୁମର ପେନସନ ବନ୍ଦ ହେବ ଶେଷରେ ପାଞ୍ଚ ବର୍ଷ କି ଦଶ ବର୍ଷ ଜେଲ ଭୋଗିବ। ତୁମର ଏହି ପାପ କର୍ମ ପାଇଁ ତୁମର ବଂଶଧର ମାନେ ନିନ୍ଦିତ ହେବେ, ଅପମାନିତ ହେବେ। ତୁମର ପୁଅ ଝିଅମାନେ ପାଠ ପଢ଼ି ଚାକିରି କଲାବେଳେ ଲୋକେ କହିବେ ବାପ ଚୋରୀ କରି ଜେଲ ଯାଇଥିଲା, ପିଲାମାନେ ଭଲ ହେବେ କେମିତି ? ଏହି ଅପବାଦ ତୁମ ବଂଶାନୁକ୍ରମିକ ପିଲାମାନଙ୍କ ଉପରେ ଲାଗି ରହିବ। ତୁମେ ନିଜେ ରକ୍ତଚାପ, କ୍ୟାନସର, ବିଭିନ୍ନ ରୋଗ ଓ ମାନସିକ ଚାପର ବିଭିନ୍ନ ବ୍ୟାଧି ପୀଡ଼ିତ ହୋଇ ବିଛଣାରେ ଛଟପଟ ହେବ। ତେଣୁ ହେ ଦୁର୍ନୀତିଗ୍ରସ୍ତ ବାବୁମାନେ ଏବେ ଠାରୁ ସାବଧାନ ରୁହ। ଯେତିକି ପାଇଛ ସେତିକିରେ ସନ୍ତୁଷ୍ଟ ରୁହ ନହେଲେ ଭବିଷ୍ୟତରେ କଲବଲ ଜୀବନ ଭୋଗ କରିବ।

**ସତ୍ୟଶ୍ରୀନିବାସ, ତାରାଚାନ୍ଦ ପାଟଣା, କଟକ, ଦୂରଭାଷ : ୯୨୩୮୬୩୨୭୫୦**

# ଜିଏସ୍‌ଟି ଅଧିକାରୀଙ୍କୁ ଧରିଲା ସିବିଆଇ

## ରିଫଣ୍ଡ ଛାଡ଼ ପାଇଁ ୫୦ ହଜାର ଲାଞ୍ଚ



**ବାଲେଶ୍ୱର :** ଲାଞ୍ଚ ନେଲାବେଳେ ସିବିଆଇ ହାତରେ ଧରାପଡ଼ିଛନ୍ତି କେନ୍ଦ୍ର ଜିଏସ୍‌ଟି ଅଧୀକ୍ଷକ ଓପ୍ରକାଶ ନାୟକ ତାଙ୍କୁ ସିବିଆଇ ଟିମ୍ ଅଟକ ରଖି । ପଚରାଉଚରା କରିବା ସହିତ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି । ସିବିଆଇର ସୂଚନାନୁସାରେ, ସିଜିଏସ୍‌ଟି ଅଧୀକ୍ଷକ ଶ୍ରୀ ନାୟକ ଓ ଜଣେ ସହକାରୀ କମିସନର ମିଶି ଅଭିଯୋଗକାରୀଙ୍କ କମ୍ପାନିର ପ୍ରାୟ ୧୬ ଲକ୍ଷ ଟଙ୍କାର ଜିଏସ୍‌ଟି ରିଫଣ୍ଡ ଛାଡ଼ ପାଇଁ ୫୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ଏହି ଅଭିଯୋଗ ଆଧାରରେ ସିବିଆଇ ପକ୍ଷରୁ ମାମଲା ରୁଜୁ କରାଯାଇଥିଲା ସିବିଆଇ ମାମଲାର ଯାଞ୍ଚ କରିବା ସହ ୫୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଅଭିଯୁକ୍ତଙ୍କୁ ଧରିଥିଲା । ଶ୍ରୀ ନାୟକଙ୍କ କାର୍ଯ୍ୟାଳୟ ସମେତ ତାଙ୍କ ଘର ଓ ରେଲୱେ ଗେଷ୍ଟ ହାଉସ୍ ?ରେ ସିବିଆଇ ଟିମ୍ ଚଢ଼ାଉ କରିଛି । ଅଧିକ ପଚରାଉଚରା ପାଇଁ ଶ୍ରୀ ନାୟକଙ୍କୁ ଭୁବନେଶ୍ୱର ସିବିଆଇ କାର୍ଯ୍ୟାଳୟକୁ ନିଆଯାଇଛି । ଏହି ମାମଲାରେ ଅନ୍ୟ ଅଭିଯୁକ୍ତଙ୍କ ଭୂମିକା ସଂପର୍କରେ ତଦନ୍ତ ଜାରି ରହିଥିବା ସିବିଆଇ ପକ୍ଷରୁ କୁହାଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ, ଶ୍ରୀ ନାୟକଙ୍କୁ ଧରିବା ପାଇଁ ସିବିଆଇର ଏକ ୨୭ଜଣିଆ ଟିମ୍ ବାଲେଶ୍ୱରରେ ପହଞ୍ଚିଥିଲା । ପୂର୍ବ ପ୍ରସ୍ତୁତି ଅନୁଯାୟୀ ଲାଞ୍ଚ ନେବାବେଳେ ତାଙ୍କୁ ଧରିଥିଲା ।

# କୃଷକ ମୋର୍ଚ୍ଚାର କମିଟି ଗଠନ ଘୋଷଣା କଲେ ଜିଲ୍ଲା ସଭାପତି



**ବ୍ରହ୍ମପୁର :** ସ୍ଥାନୀୟ ଷ୍ଟେସନ ରୋଡ ନେହୁରୁ ପାର୍କ ନିକଟ ବିଜେପି ଜିଲ୍ଲା କାର୍ଯ୍ୟାଳୟ ଠାରେ ବିଜେପି ଜିଲ୍ଲା ସଭାପତି ସରୋଜ ସାବତ ବ୍ରହ୍ମପୁର ବିଧାୟକ କେ ଅନିଲ କୁମାରଙ୍କ ସମେତ ଜିଲ୍ଲା ର ସମସ୍ତ ବିଧାୟକ ଙ୍କ ଅନୁମୋଦନ କ୍ରମେ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ସୂର୍ଯ୍ୟ ନାରାୟଣ ଦାସ କୃଷକ ମୋର୍ଚ୍ଚାର ଜିଲ୍ଲା କମିଟି ନାମ ଘୋଷଣା କରିଥିଲେ । ଏଥିରେ ୬ ଜଣ ଉପସଭାପତି ଯଥା ପ୍ରଦୀପ କୁମାର ପଟ୍ଟନାୟକ,ରଘୁନାଥ ସାହୁ, ଅହିଂଶା ସାହୁ,ଅଜିତ ପ୍ରଧାନ ରଜତ କୁମାର ପଣ୍ଡିତ ଓ ଇନ୍ଦିରାମଣି ପଟ୍ଟନାୟକ, ୨ ଜଣ ସାଧାରଣ ସମ୍ପାଦକ-ବିଜୟ କୁମାର ମୁଦୁଲି ଓ ବଦ୍ରିନାଥ ସାବତ, ୬ ଜଣସମ୍ପାଦକ ରଘୁନାଥସମନ୍ତରା, ଅରବିନ୍ଦ ମଣ୍ଡଳ,ତ୍ରିନାଥ ମହାପାତ୍ର, ପ୍ରଫୁଲ କୁମାରସାହୁ,ଲକ୍ଷ୍ମୀ ବେହେରା ଓ ଚନ୍ଦନମହାରଣା ଜଣେ କୋଷାଦକ୍ଷ ଅଶ୍ୱିନୀରଥ ଜିଲ୍ଲା ଗଣମାଧ୍ୟମ ପ୍ରଭାରୀ ନିମାଇଁ ଚରଣ ପଣ୍ଡା,ଜିଲ୍ଲା ସାମାଜିକ ଗଣମାଧ୍ୟମ ପ୍ରଭାରୀ ସୁରେଶ ତ୍ରିପାଠୀ ଓ ୧୬ ଜଣ କାର୍ଯ୍ୟକାରୀ ସଦସ୍ୟ ସିଦ୍ଧାର୍ଥ ପଣ୍ଡା, ତ୍ରିଲୋଚନ ସାହୁ, ସାଗର ପାତ୍ର, ସସ୍ମିତ ମିଶ୍ର, ରଞ୍ଜିତ ପ୍ରଧାନ, କେଦାର ମହାନ୍ତି, ବିନୋଦ ସିଂ , ହେମନ୍ତ ପାତ୍ର, ବିନନ୍ଦ ସିହା, ପି ରଘୁନାଥ ରେଡ୍ଡୀ, ଦୁର୍ଲଭ ବେହେରା, ଦୂର୍ଗା ଖୁଣ୍ଟିଆ, କାନକାୟା ରେଡ୍ଡୀ, ସଞ୍ଜୟ ପାତ୍ର, କିଶୋରୁ ମାଳୀ, ବାସୁଦେବ ମାଳୀ, ମୃତ୍ୟୁଞ୍ଜୟ ପଣ୍ଡା, ନିମନ୍ତ୍ରିତ ଅତିଥିମାନଙ୍କ ମଧ୍ୟରେ ଅରବିନ୍ଦ ମଣ୍ଡଳ,ବିଶ୍ୱଦେବ, ବାଶୁଦେବ ସାଉକାର ଓ ଜିଲ୍ଲାର ସମସ୍ତ ମଣ୍ଡଳ ସଭାପତି ଉପସ୍ଥିତିରେ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପଟତି ସୂର୍ଯ୍ୟ ନାରାୟଣ ଦାସ ନାମ ଘୋଷଣା କରିଥିଲେ । ଏଥିରେ ଜିଲ୍ଲାର ବହୁ ବିଜେପିର ପଦାକାରୀ ଉପସ୍ଥିତ ଥିଲେ । ନିମଂତ୍ରିତ ଅତିଥି ମଧ୍ୟରେ ରାଜ୍ୟ ପ୍ରବକ୍ତା ଟି ଗୋପି,ମେୟର ପାର୍ଥୀନୀ ସବିତା ସୁଆର,ଦିଗପହଣ୍ଡି ଶ୍ରୀ ମା ଆଶ୍ରମ ର ଦେବଦତ୍ତ ମହାରାଜ, ବିଶ୍ୱଦେବ, ବିଧାୟକ ପ୍ରତିନିଧି ପ୍ରଦୀପ ନାୟକ, ବିଧାୟକ ଙ୍କ ପ୍ରତିନିଧି ଶିବ ପ୍ରସାଦ ଦାସ,ଜିଲ୍ଲା ପଦାଧିକାରୀ ମଧ୍ୟରେ,ପ୍ରଭାତ ଷଡ଼ଙ୍ଗୀ, ପ୍ରବୀର ପାତ୍ର,ସିଦ୍ଧାନ୍ତ ଗଙ୍ଗଦେଓ୍ୱ, ଗୌରୀ ସାମନ୍ତରାୟ, ବନମାଳୀ ସେଠି,ବାଳକୃଷ୍ଣ ସାମନ୍ତରାୟ, ଉପସ୍ଥିତ ରହି ଜିଲ୍ଲା ସଭାପତି ସୂର୍ଯ୍ୟ ନାରାୟଣ ଦାସ ଙ୍କ ଜନ୍ମଦିନ ପାଳନ ଅବସରରେ ଦୀପ ପ୍ରଜ୍ୱଳନ କରି ମିଷ୍ଟାନ ବଣ୍ଟନ କରିବା ସହିତ କୃଷକ ମୋର୍ଚ୍ଚା ସଙ୍ଗଠନ କୁ ଗଞ୍ଜାମ ଜିଲ୍ଲା ରେ ସୁଦୃଢ଼ କରିବା ପାଇଁ ପରାମର୍ଶ ଦେଇଥିଲେ ।

# ବିଜେଡିର ଶତାଧିକ କର୍ମୀ ବିଜେପିରେ ମିଶିଲେ

**ବାଲେଶ୍ୱର :** ବିଜେଡି ହାତରୁ ଖସୁଛି କି ବାଲେଶ୍ୱର ? ଶଙ୍ଖ ଛାଡି ଏବେ ପଦ୍ମ ପୋଖରୀରେ ବିଜେଡିର ଶତାଧିକ କର୍ମୀ । ଗତ ରବିବାର ଦିନ ବିଜେପିର ମହାମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ଶତାଧିକ ବିଜେଡି କର୍ମୀ ବିଜେପି ରେ ସାମିଲ ହୋଇଛନ୍ତି । ଏହା ପୂର୍ବରୁ ବସ୍ତା ନିର୍ବାଚନ ମଣ୍ଡଳୀରେ ଅନେକ କର୍ମୀ ବିଜେପିରେ ମିଶିଥିଲେ । ବାଲେଶ୍ୱର ଜିଲ୍ଲା ସିମୁଳିଆ ନିର୍ବାଚନ ମଣ୍ଡଳୀ ଦିନେ ବିଜେଡି ଗଡ଼ ଥିବା ବେଳେ ଖଇରା ବ୍ଲକରେ ମଧ୍ୟ ବିଜେଡିର ଦବଦବା ଥିଲା । ହେଲେ ଏବେ ବିଜେପି ସରକାରକୁ ଆସିବା ପରେ ସିମୁଳିଆ ନିର୍ବାଚନ ମଣ୍ଡଳୀର ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ନେତୃତ୍ୱରେ ଅନେକ ବିଜେଡି ନେତା ଓ କର୍ମୀ ବିଜେପିରେ ସାମିଲ ହେଉଛନ୍ତି । ବାଲେଶ୍ୱରର ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା ବିଜେପିରେ ସାମିଲ ହେବାପରେ ବସ୍ତା ନିର୍ବାଚନ ମଣ୍ଡଳୀର ତାଙ୍କ ସ୍ତ୍ରୀ ସୁବାସିନୀଙ୍କ ନେତୃତ୍ୱରେ



ବିଜେଡି କର୍ମୀ ବିଜେପିରେ ମିଶିଥିଲେ । ପୁଣି ଖଇରାରେ ବିଜେଡିର ହଜାର ହଜାର କର୍ମୀ ବିଜେପିରେ ସାମିଲ ହୋଇଛନ୍ତି । ଖଇରା ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁଙ୍କ ସମେତ ୫ ନଂ ଯୋନ ଜିଲ୍ଲା ପରିଷଦ ମାନସ କୁମାର ଦାସ ଓ ଅଧିକାଂଶ ପଞ୍ଚାୟତର ସରପଞ୍ଚ ମାନଙ୍କ ସହ କର୍ମୀମାନେ ବିଜେପିରେ ସାମିଲ ହୋଇଛନ୍ତି ।ଏହି ମିଶ୍ରଣ ପର୍ବରେ ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ତାଙ୍କ ସହ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଏହି ମିଶ୍ରଣ ପର୍ବ ଆଗାମୀ ଦିନରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନରେ କି ପ୍ରଭାବ ପକାଇବ ତାହା ଦେଖିବାକୁ ବାକି ରହିଲା । ଅନ୍ୟପଟେ ବହୁଦିନ ଆଗରୁ ବିଜେଡି ଛାଡିଥିବା କର୍ମୀମାନେ ପୁଣି ଥରେ ସାମିଲ ହେଉଥିବା କଥା ବିଜେଡି ଅଭିଯୋଗ ଆଣିଛି ।

## ରକ୍ତବୀର ସେବା ସମ୍ମାନ ସମାରୋହ ଆୟୋଜିତ

# ୧୦୦ ଜଣ ଯୁବ ରକ୍ତଦାତା ସମ୍ମାନିତ

**ବାଲେଶ୍ୱର :** ଓଟି ରୋଡ୍ ସ୍ଥିତ ଉଦ୍ୟୋଗ ଭବନରେ ଯୁବନେତା ତଥା ଯୁବ ବାଲେଶ୍ୱର ସଭାପତି ସିମନ ଦାସ ମହାପାତ୍ରଙ୍କ ଆୟୋଜନରେ "ରକ୍ତବୀର ସେବା ସମ୍ମାନ ସମାରୋହ" ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ସମୟରେ ରକ୍ତଦାନ ଏବଂ ରକ୍ତଦାନ ଶିବିର ଆୟୋଜନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ନେଇଥିବା ବାଲେଶ୍ୱରର ୧୦୦ ଜଣ ଯୁବ ରକ୍ତଯୋଦ୍ଧାଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା । ବିଶେଷ କରି କୋଭିଡ୍ ସମୟ, ବାହାନଗା ରେଳ ଦୁର୍ଘଟଣା ଏବଂଥାଲାସେମିଆ ରୋଗୀଙ୍କ ପାଇଁ ରକ୍ତର ଆବଶ୍ୟକତା ସମୟରେ ନିଷ୍ଠାର ସହ ରକ୍ତ ଯୋଗାଇ ଆସୁଥିବା ରକ୍ତଦାତାମାନଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ । କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଯୋଗଦେଇ ଯୁବମାନଙ୍କର ଏଭଳି ମାନବିକ ସେବାକୁ ପ୍ରଶଂସା କରିଥିଲେ । ସେ ଆୟୋଜକଙ୍କ ଏହି




ସାଧୁ ପ୍ରୟାସକୁ ମଧ୍ୟ ଧନ୍ୟବାଦ ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମ୍ୟୁନିସିପାଲିଟି ଅଧ୍ୟକ୍ଷା ସବିତା ସାହୁ, କବି ପ୍ରଶାନ୍ତ ଦାସ, ରକ୍ତଦାତା ସଂଘ ସଭାପତି କମଲ ଚକ୍ରବର୍ତ୍ତୀ, ସଦର ବ୍ଲକ ଅଧ୍ୟକ୍ଷା ସୁନିତା ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଆଲୋକ କୁମାର ସାହୁ, ବିବିସିସି ବ୍ୟାଙ୍କ ସଭାପତି ଗଣେଶ ମହାପାତ୍ର, ଶ୍ରମିକ ନେତା ଶାନ୍ତନୁ ଦାସ, କୃଷକ ନେତା ଅଜୟ ସାମଲ, ବାଦଲ ଦାସ, ଯୁବ ନେତା ଭାଗବତ ସାହୁ, ଅସିତ ଦାସ ଓ ପ୍ରବୀର ଦାଶଶ୍ରୀମନ୍ତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଆଜୀବନ ରକ୍ତବୀର ଭାବେ ସମାଜସେବୀ ସାହିରୁଲ ହକ ଓ "ସମ୍ବାଦ ଆମ ଓଡ଼ିଶା"ର ଉତ୍ତର ଓଡ଼ିଶା ସଂଯୋଜକ ଲକ୍ଷ୍ମୀଧର ବାରିକଙ୍କୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଦିଆଯାଇଥିଲା । ଆଗାମୀ ଦିନରେ ଯୁବ ରକ୍ତଦାତାମାନଙ୍କୁ ଅଧିକ ଉତ୍ସାହିତ କରିବା ସହ ବାଲେଶ୍ୱରରେ ରକ୍ତର ଅଭାବ ନ ହେବା ପାଇଁ ସମସ୍ତ ପ୍ରୟାସ ଜାରି ରହିବ ବୋଲି ସିମନ ଦାସ ମହାପାତ୍ର କହିଛନ୍ତି ।

# ନୂତନ ଉଦ୍ୟୋଗ ଓ ନୂତନତ୍ୱ ସୃଜନଶୀଳତା କାର୍ଯ୍ୟକ୍ରମ

**ବାଲେଶ୍ୱର :** ବଳାଙ୍ଗୀ ଡ଼ିଗ୍ରୀ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଡ. ରତ୍ନାକର ସିଂହଙ୍କ ପୌରୋହିତ୍ୟରେ ନୂତନ ଉଦ୍ୟୋଗ ଓ ସୃଜନଶୀଳତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ନୂତନ ଉଦ୍ୟୋଗ ଓ ସୃଜନଶୀଳତା ଉପରେ ଅଭିମତ ପ୍ରଦାନ ସହ ସ୍ୱ ସ୍ୱ ହସ୍ତ ନିର୍ମିତ ଓଡ଼ିଆ ଖାଦ୍ୟ ବ୍ୟଞ୍ଜନ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ନମିତା ଦତ୍ତ, ଶ୍ରୀନିତା ଘୋଷ,ମନୋଲିନାଦାସ, ବିଶ୍ୱଜିତ ପ୍ରଧାନ,ନିର୍ମଳ ରାଉତ, ସାରଙ୍ଗଧର ତ୍ରିପାଠୀ, ପ୍ରହ୍ଲାଦ କୁଅଁର, ହରେକୃଷ୍ଣ ବାରିକ, ସୁଶାନ୍ତ ଦାସ ପ୍ରମୁଖ ଦାୟିତ୍ୱ ପୂର୍ବକ କାର୍ଯ୍ୟନିର୍ବାହ କରିଥିଲେ ।




# ନିଖୋଜ ଅଂଶୁମାନଙ୍କ ପରିବାରକୁ ଭେଟିଲେ ପୂର୍ବତନ ବିଧାୟକ ଚନ୍ଦ୍ରସାରଥୀ

- ଶୀଘ୍ର ଉଦ୍ଧାର ପାଇଁ ପୋଲିସକୁ ତ୍ୱରିତ ପଦକ୍ଷେପର ଆହ୍ୱାନ
- ଆବଶ୍ୟକ ପଡ଼ିଲେ ଆନ୍ଦୋଳନର ଚେତାବନୀ

**ଫୁଲନଖରା :** ବୟାଳିଶମୌଜା ଅଞ୍ଚଳର କଳପଡ଼ା ଗ୍ରାମର ୧୨ ବର୍ଷୀୟ ନାବାଳକ ଅଂଶୁମାନ ପରିଡ଼ା ଗତ ୨୭ ତାରିଖରୁ ନିଖୋଜ ଥିବା ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଚିନ୍ତା ଓ ଉଦ୍‌ବେଗ ଦେଖାଦେଇଛି । ଶୁକ୍ରବାର କଟକ ସଦରର ପୂର୍ବତନ ବିଧାୟକ ଚନ୍ଦ୍ରସାରଥୀ ବେହେରା ନିଖୋଜ ଶିଶୁର ପରିବାର ସଦସ୍ୟଙ୍କୁ ଭେଟି ସମବେଦନା ଜଣାଇବା ସହ ଶିଶୁଟିଙ୍କୁ ଶୀଘ୍ର ଖୋଜି ବାହାର କରିବା ପାଇଁ ପୋଲିସ ପ୍ରଶାସନକୁ ଦୃଢ଼ ପଦକ୍ଷେପ ନେବାକୁ ଦାବି କରିଛନ୍ତି । ପ୍ରାପ୍ତ ସୂଚନା ଅନୁଯାୟୀ, ସ୍ୱର୍ଗତ ସୁରେଶ ପରିଡ଼ାଙ୍କ ପୁଅ ଅଂଶୁମାନ ପରିଡ଼ା (୧୨) ଗତ ୨୭ ତାରିଖରୁ ଘରୁ ବାହାରିବା ପରେ ଆଉ ଘରକୁ ଫେରିନାହାନ୍ତି । ପରିବାର ପକ୍ଷରୁ ଥାନାରେ ଅଭିଯୋଗ ଦାଖଲ ହେବା ପରେ ପୋଲିସ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । କିନ୍ତୁ ଘଟଣାକୁ ୧୨ ଦିନ ବିତିଯାଇଥିଲେ ମଧ୍ୟ ଶିଶୁଟିଙ୍କ ସମ୍ପର୍କରେ କୌଣସି ସ୍ପଷ୍ଟ ସନ୍ଦେଶ ମିଳିନାହିଁ । ଏକମାତ୍ର ପୁଅ ନିଖୋଜ ହେବା ପରେ ପରିବାର ଲୋକଙ୍କ ମନସ୍ଥିତି ଅତ୍ୟନ୍ତ ଦୟନୀୟ ହୋଇପଡ଼ିଛି । ପରିବାରର ଜୀବିକାର ମୁଖ୍ୟ ଆଧାର ଥିବା ଚାହା ଦୋକାନକୁ ବନ୍ଦ ରଖି ପରିବାର ସଦସ୍ୟମାନେ ବିଭିନ୍ନ ସ୍ଥାନରେ ପୁଅର ସନ୍ଧାନରେ ଘୁରୁଛନ୍ତି । ନିଖୋଜ ପୁଅର ଚିନ୍ତାରେ ମା' ଓ ପରିବାର ସଦସ୍ୟମାନେ ଭାଙ୍ଗିପଡ଼ିଥିବା ବେଳେ ସମଗ୍ର ଗ୍ରାମରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ପରିବାରକୁ ଭେଟିବା ପରେ ପୂର୍ବତନ ବିଧାୟକ ଶ୍ରୀ ବେହେରା ପୋଲିସର ଉଚ୍ଚପଦସ୍ଥ



ଅଧିକାରୀଙ୍କ ସହ ଫୋନ୍ ଯୋଗେ ଆଲୋଚନା କରି ଅଂଶୁମାନଙ୍କୁ ଶୀଘ୍ର ଉଦ୍ଧାର କରିବାକୁ ଅନୁରୋଧ କରିଥିଲେ । ସେ କହିଥିଲେ, "ଏହା କେବଳ ଗୋଟିଏ ପରିବାରର ଦୁଃଖ ନୁହେଁ, ସମଗ୍ର ବୟାଳିଶମୌଜାର ଚିନ୍ତାର ବିଷୟ । ପୋଲିସ ପ୍ରଶାସନ ତ୍ୱରିତ ଓ ସକ୍ରିୟ ଭାବେ ପଦକ୍ଷେପ ନେଇ ଶିଶୁଟିଙ୍କୁ ସୁରକ୍ଷିତ ଭାବେ ପରିବାର ନିକଟକୁ ଫେରାଇ ଆଣନ୍ତୁ ।" ସେ ଆହୁରି ଚେତାବନୀ ଦେଇ କହିଥିଲେ ଯେ, ପୋଲିସ ପକ୍ଷରୁ ଯଦି ତଦନ୍ତରେ ଆବଶ୍ୟକ ତ୍ୱରାନ୍ୱିତତା ଦେଖାଯିବ ନାହିଁ, ତେବେ ବିରୋଧୀ ଦଳ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବ । ଏହି ସମୟରେ ପୂର୍ବତନ ବ୍ଲକ ଉପାଧକ୍ଷ ବିଭୂତି ଭୂଷଣ ପରିଡ଼ା, ପ୍ରମୋଦ ମହାପାତ୍ର, ଜିଲ୍ଲା ପରିଷଦ ପ୍ରତିନିଧି ଅଜୟ ଦଳାଇ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ବୀରବର ଲେଙ୍କା, ଅଶୋକ ମହାନ୍ତି, ସୁନିଲ ଦାସ, ଅଶୋକ ସ୍ୱାଇଁ, ତପନ ପରିଡ଼ା, ବିଘ୍ନେଶ୍ୱର ମାଝୀ, ରାଜେଶ ପରିଡ଼ା, ଚିତ୍ତରଞ୍ଜନ ଭୋଳ, ଅଭୟ ମହାପାତ୍ର, ଜଗନ୍ନାଥ ସ୍ୱାଇଁ, ପୂର୍ବତନ ସରପଞ୍ଚ ତ୍ରିଲୋଚନ ଦଳାଇଙ୍କ ସମେତ ଅନେକ ସ୍ଥାନୀୟ ନେତୃବୃନ୍ଦ ଓ ଗ୍ରାମବାସୀ ଉପସ୍ଥିତ ଥିଲେ । ଅଂଶୁମାନଙ୍କ ନିଖୋଜ ଘଟଣାର ଶୀଘ୍ର ସମାଧାନ ଓ ତାଙ୍କର ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ସମଗ୍ର ବୟାଳିଶମୌଜା ଅଞ୍ଚଳବାସୀ ପ୍ରାର୍ଥନା କରୁଛନ୍ତି । ପରିବାର ସଦସ୍ୟମାନେ ମଧ୍ୟ ପୋଲିସ ପ୍ରଶାସନ ଓ ସାଧାରଣ ଲୋକଙ୍କୁ ସହଯୋଗର ଆହ୍ୱାନ ଜଣାଇଛନ୍ତି ।

# ଜୁନ୍ ପ୍ରଥମ ସପ୍ତାହରେ ଜିଲ୍ଲା ଫୁଟବଲ ଲିଗ୍

**ବାଲେଶ୍ୱର :** ବାଲେଶ୍ୱର ଜିଲ୍ଲା କ୍ରୀଡ଼ାସଂଘ ଆନୁକୂଲ୍ୟରେ ପରମିଟ ପଡ଼ିଆ, ନୂଆ ଷ୍ଟାଡିୟମ ଠାରେ ଜିଲ୍ଲା ଫୁଟବଲ ଲିଗ୍ ଜୁନ ପ୍ରଥମ ସପ୍ତାହରେ ଅନୁଷ୍ଠିତ ହେବ । ଆଗ୍ରହୀ କ୍ଲବ, କଲେଜ ଏବଂ ଅନୁଷ୍ଠାନର ଖେଳାଳିମାନେ ଚଳିତ ମାସ ୨୦ତାରିଖ ସୁଦ୍ଧା ଜିଲ୍ଲା କ୍ରୀଡ଼ାସଂଘ ଅଫିସରୁ ଫର୍ମ ନେଇ ପୂରଣ କରିବାକୁ ପଡ଼ିବ । ଏହି ଖେଳ ଲିଗ୍ ପର୍ଯ୍ୟାୟରେ ଅନୁଷ୍ଠିତ ହେବ । ଖେଳାଳିମାନେ ସାଙ୍ଗରେ ଜନ୍ମ ପ୍ରମାଣ ପତ୍ର, ଆଧାର କାର୍ଡ, ପାସ୍ପୋର୍ଟ ଫଟୋ ସାଉ ଙ୍ଗରେ ନେଇ ଆସିବାକୁ କୁହାଯାଇଛି । ସବିଶେଷ ବିବରଣୀ ପାଇଁ ଯୁଗ୍ମ ସମ୍ପାଦକ (ଫୁଟବଲ) ନିମାଇଁ ଚରଣ ରାଉତରାୟ (୯୪୩୭୨୯୬୦୦୪)ଙ୍କ ସ ?ହିତ ହିତ ଯୋଗାଯୋଗ କରିବାକୁ ଜିଲ୍ଲା କ୍ରୀଡ଼ା ସଂଘ ପକ୍ଷରୁ ସୂଚନା ଦିଆଯାଇଛି । ଏହି ପ୍ରତିଯୋଗିତାରୁ ଯୋଗ୍ୟ ବିବେଚିତ ହୋଇଥିବା ଖେଳାଳିମାନେ ରଜ୍ୟସ୍ତରୀୟ ପ୍ରତିଯୋଗିତାରେ ଜିଲ୍ଲା ତରଫରୁ ପ୍ରତିନିଧିତ୍ୱ କରିବେ ।

## ଗଞ୍ଜାମରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

# ୨୭,୪୩୨ଟି ମାମଲାର ସମାଧାନ

**ଛତ୍ରପୁର :** ଗଞ୍ଜାମ ଜିଲ୍ଲା କୋର୍ଟ ପରିସର, ବ୍ରହ୍ମପୁର ସହିତ ଜିଲ୍ଲାର ସମସ୍ତ ଅଦାଲତରେ ୨୦୨୬ ମସିହାର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା । ଏହି ଲୋକ ଅଦାଲତରେ ମୋଟ ୨୭,୪୩୨ଟି ମାମଲାର ଆପୋଷ ସମାଧାନ କରାଯାଇଥିବା ବେଳେ ସମୁଦାୟ ରୁ. ୩,୩୫,୦୭,୫୬୮ /- ଟଙ୍କା ପ୍ରଦାନ ପାଇଁ ଆଦେଶ ହୋଇଥିଲା ଓ ଜାତୀୟ ଆଇନ ସେବା ପ୍ରାକରଣଙ୍କ ନିର୍ଦ୍ଦେଶକ୍ରମେ ଓ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାକରଣଙ୍କ ସମନ୍ୱୟରେ ଜିଲ୍ଲା ଆଇନ ସେବା ପ୍ରାକରଣ, ଗଞ୍ଜାମ ପକ୍ଷରୁ ଏହି ଲୋକ ଅଦାଲତର ଆୟୋଜନ କରାଯାଇଥିଲା ଓ ପକ୍ଷମାନଙ୍କ ବ୍ୟକ୍ତିଗତ ଉପସ୍ଥିତିରେ ମାମଲାଗୁଡ଼ିକର ସମାଧାନ କରାଯାଇଥିଲା । ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନ ସେବା ପ୍ରାକରଣର ଅଧ୍ୟକ୍ଷ ଶ୍ରୀ ଅଶାନ୍ତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଲୋକ ଅଦାଲତ ପାଇଁ ବିଭିନ୍ନ ନ୍ୟାୟାଳୟରେ ୧୨ଟି ବେଞ୍ଚ ଗଠନ କରାଯାଇଥିଲା । ପ୍ରତ୍ୟେକ ବେଞ୍ଚରେ ଜଣେ ନ୍ୟାୟିକ ଅଧିକାରୀଙ୍କ ସହ ଜଣେ ଆଇନଜୀବୀ ଓ ସମାଜସେବୀଙ୍କୁ ସାମିଲ କରାଯାଇଥିଲା, ଯେଉଁମାନେ ମିଳିତ ଭାବେ ମାମଲାଗୁଡ଼ିକର ଆପୋଷ ସମାଧାନ କରିଥିଲେ । ଲୋକ ଅଦାଲତରେ ଫୌଜଦାରୀ ଆପୋଷ ଯୋଗ୍ୟ ୧୩ଟି ମାମଲାର ସମାଧାନ କରାଯାଇଥିଲା ଓ ନେଗୋସିଏବଲ ଇନଷ୍ଟ୍ରମେଣ୍ଟ ଆଇନ ଧାରା ୧୩୮ ଅନୁସାରେ ୧୫ଟି ମାମଲାର ସମାଧାନ ହୋଇ ରୁ. ୫୬,୬୪,୦୪୪/- ଆଦାୟ ହୋଇଥିଲା ଓ ବ୍ୟାଙ୍କ ଋଣ ଆଦାୟ ସମ୍ବନ୍ଧୀୟ ୯୫ଟି ମାମଲାରେ ରୁ. ୧,୪୨,୯୨,୪୧୩/-ଟଙ୍କାର ସମାଧାନ କରାଯାଇଥିଲା ଓ ମୋଟର ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲ (MACT) ସମ୍ବନ୍ଧୀୟ ୧୧ଟି ମାମଲାର ସମାଧାନ କରାଯାଇ ରୁ. ୮୦,୭୫,୦୦୦ /- କ୍ଷତିପୂରଣ ନିର୍ଦ୍ଧାରଣ ହୋଇଥିଲା ଓ ଏହା ସହ ମୋଟର ଯାନ ଆଇନ ଅନୁସାରେ ଟ୍ରାଫିକ ଚାଲାଣ ସମ୍ବନ୍ଧୀୟ ୨୩୯ଟି ମାମଲାରେ ରୁ. ୫,୮୦,୬୪୭/- ଆଦାୟ ହୋଇଥିଲା ଓ ଶ୍ରମ ବିବାଦ ସମ୍ବନ୍ଧୀୟ ୧୮ଟି ମାମଲା, ରେଭେନ୍ୟୁ ସମ୍ବନ୍ଧୀୟ ୨୬,୦୭୩ଟି ମାମଲାର ସମାଧାନ ସହ ରୁ. ୨୯,୫୦,୪୭୪ / - ଆଦାୟ କରାଯାଇଥିଲା ଓ ସ୍ଥାୟୀ ଲୋକ ଅଦାଲତ (ଜନସେବା ସମ୍ବନ୍ଧୀୟ) ର ୪୧ଟି ମାମଲା, ବୈବାହିକ ବିବାଦ ସମ୍ବନ୍ଧୀୟ ୨୭ଟି ମାମଲା ଏବଂ ସିଭିଲ ମାମଲାର ୪୩ଟି ମାମଲାର ସମାଧାନ ହୋଇ ରୁ. ୧୯,୪୫,୦୦୦/- ଟଙ୍କାର ନିଷ୍ପତ୍ତି ହୋଇଥିଲା ଓ ଏହା ବ୍ୟତୀତ ମଧ୍ୟସ୍ଥତା ଓ ଆପୋଷ ଯୋଗ୍ୟ ଅନ୍ୟାନ୍ୟ ୮୫୭ଟି ମାମଲାର ମଧ୍ୟ ସମାଧାନ କରାଯାଇଥିଲା । ଉକ୍ତ ଲୋକ ଅଦାଲତରେ ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀ ଅଶାନ୍ତ କୁମାର ଦାସ, ମେମ୍ବର, ୨ୟ MACT ଶ୍ରୀ ବିଶ୍ୱଜିତ ଦାଶ, ପ୍ରଥମ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ଶ୍ରୀ ନରେଶ ମହାନ୍ତି, ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ଶ୍ରୀମତୀ ଲଳିତା ମଞ୍ଜରୀ ପଟ୍ଟନାୟକ ଓ ତୃତୀୟ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ଶ୍ରୀ ବିବସ୍ୱତ ଗୌତମ ମୋଟର ଦୁର୍ଘଟଣା ସମ୍ବନ୍ଧୀୟ ମାମଲାର ସମାଧାନରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଗଞ୍ଜାମର ସଚିବ ଶ୍ରୀ ବ୍ୟୋମକେଶ ନାୟକ ସମଗ୍ର ଲୋକ ଅଦାଲତର ସୁପରିଚାଳନା କରିଥିଲେ । ଉକ୍ତ ଲୋକ ଅଦାଲତରେ ଜିଲ୍ଲାର ସମସ୍ତ ବିଚାରପତି, ଆଇନଜୀବୀ, ବ୍ୟାଙ୍କ ଅଧିକାରୀ, କୋର୍ଟ କର୍ମଚାରୀ ଓ ସାଧାରଣ ଜନସାଧାରଣ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ ।

# କୃଷକ ନୋଡାଲ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ରେଡକ୍ରସ ଦିବସ

**ବ୍ରହ୍ମପୁର :** ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଶ୍ରୀଯୁକ୍ତ ଭାଗିରଥୀ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ କୁକୁଡ଼ାଖଣ୍ଡି ବ୍ଲକ୍ ଅନ୍ତର୍ଗତ କୃଷକ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଚଳିତ ବର୍ଷ ଜିଲ୍ଲା ସ୍ତରୀୟ ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିବାବେଳେ ସଭା ପରିଚାଳନା କରିଥିଲେ ଜୁନିଅର୍ ରେଡକ୍ରସ୍ ଅଫିସର ସ୍ନେହଲତା ପଣ୍ଡା । ସାର୍ ଜିନ୍ ହେନେରୀ ଡୁନାଣ୍ଟଙ୍କ ଜନ୍ମ ଜୟନ୍ତୀ ପାଳନ ଅବସରରେ ଚଳିତ ବର୍ଷର ପ୍ରସଙ୍ଗ 'ମାନବିକତାରେ ଏକତା'କୁ ଭିତ୍ତିକରି ପ୍ରଧାନ ଶିକ୍ଷକ ମହେଶ୍ୱର ନାୟକ ମାନବ ସେବା ସହଯୋଗ ଓ ଭ୍ରାତୃତ୍ୱର ବାର୍ତ୍ତା ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ସ୍ଲୋଗାନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କଯାଇଥିଲା । ଏହି କାର୍ଯ୍ୟକ୍ରମରେ







ବରିଷ୍ଠ ଶିକ୍ଷୟିତ୍ରୀ ଶ୍ରୀମତୀ ସ୍ୱାତିଶ୍ରୀ ରଥ, କ୍ରୀଡ଼ା ଶିକ୍ଷକ କୁନା ସେଠୀ,ଶିକ୍ଷକ ସାୟେଦ୍ ଅହମ୍ମଦ ତାହେର, ଅଞ୍ଜନା ମିଶ୍ର, ଜସ୍ମିନ୍ ପାତ୍ର,ଦୀପକ କୁମାର ଶବର ଏବଂ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

### କଳାହାଣ୍ଡି ଗସ୍ତରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ

# ୧୮ଗୋଟି ସ୍ୱାସ୍ଥ୍ୟସେବା ପ୍ରକଳ୍ପରେ ଖର୍ଚ୍ଚହେବ ୧୬.୬୩ କୋଟି



**କଳାହାଣ୍ଡି :** ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କଳାହାଣ୍ଡି ଜିଲାକୁ ଗୁରୁବାର ଦିନିକିଆ ଗସ୍ତରେ ଆସିଥିଲେ। ଏହି ସମୟରେ ସେ ଜିଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ପ୍ରାୟ ୧୬ କୋଟି ୬୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ମୋଟ ୧୮ ଗୋଟି ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ପ୍ରଥମେ ସେ ଭବାନୀପାଟଣା ବ୍ଲକ ବୋର୍ଡଠାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟନ କରିଥିଲେ । ସେହିପରି ଆଭାସି ମାଧ୍ୟମରେ ମୋହନଗିରି, ବନ୍ଧକନା, ବାଣ୍ଡିଗାଁ, ଅର୍ତଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠା ସହ ଜିଲାର ମୋଟ ୧୩ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସବ୍‌ସେଣ୍ଟରର ଶୁଭାରମ୍ଭ କରିଛନ୍ତି ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଜିଲାବାସୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ନିମନ୍ତେ ଏହିସବୁ ପ୍ରକଳ୍ପ ଲୋକାର୍ପିତ ହୋଇଛି। ଡବଲ ଇଂଜିନ ସରକାରଙ୍କ ଦ୍ୱାରା ଅନୁମୋଦିତ ସମସ୍ତ ପ୍ରକଳ୍ପ ମାଧ୍ୟମରେ ଜିଲାର ସ୍ୱାସ୍ଥ୍ୟ ଭିତ୍ତିଭୂମି ସୁଦୃଢ଼ ହେବା ସହ ଜନସାଧାରଣଙ୍କ ପାଇଁ ଉନ୍ନତ ଚିକିତ୍ସା ସେବା ସୁନିଶ୍ଚିତ ହେବ ବୋଲି ସେ କହିଛନ୍ତି । ସନ୍ଧ୍ୟାରେ ଭବାନୀପାଟଣା ସର୍କିଟ ହାଉସ ଠାରେ ଜିଲାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସମ୍ପର୍କିତ ସମୀକ୍ଷା ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ ଅଧ୍ୟକ୍ଷତାକରି ଜିଲାରେ ମାତୃ ଓ ଶିଶୁ ମୃତ୍ୟୁହାର କମିବା ଉପରେ ଆଲୋଚନା କରିଥିଲେ। ସେହିପରି ମ୍ୟାଲେରିଆ ନିରାକରଣ, ଜିଲା ମୁଖ୍ୟ ଚିକିତ୍ସାଳୟରୁ ମେଡିକାଲ କଲେଜ ସ୍ଥାନାନ୍ତର, ଜରାୟୁ କର୍କଟ ଉପରେ ସଚେତନତା ଓ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ସୁପରିଚାଳନା ଉପରେ ଆଲୋକପାତ କରିଥିଲେ। ଜିଲାରେ ଥିବା ମେଡିକାଲ କଲେଜ ଜିଲା ମୁଖ୍ୟ ଚିକିତ୍ସାଳୟର ସ୍ଥିତି ସହ ସ୍ୱାସ୍ଥ୍ୟ ଭିତ୍ତିଭୂମି ଇତ୍ୟାଦି ସମ୍ପର୍କରେ ପଚାରି ବୁଝିବା ସହ ଜିଲାବାସୀଙ୍କ ପାଇଁ ଉନ୍ନତ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେବା ପାଇଁ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ, କଳାହାଣ୍ଡି ଜିଲାପାଳ ପାଓ୍ୱାର ସଚିନ ପ୍ରକାଶ, ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରଓ୍ୱାନ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ହରେକୃଷ୍ଣ ଶତପଥୀ, ଶହୀଦ ରେଣ୍ଡୋ ମାଝୀ ମେଡିକାଲ କଲେଜ ଓ ହସ୍ପିଟାଲର ଅଧୀକ୍ଷକ, ଡିପିଏମ୍ ଦିଲୀପ କୁମାର ଦୁବେ, ପିଡବ୍ଲ୍ୟୁଡି ଅଧୀକ୍ଷଣ ଯନ୍ତ୍ରୀ ଶିବାଜୀ ପ୍ରଧାନ, ଟିପିଡବ୍ଲ୍ୟୁଓଡିଏଲ୍‌ର ଅଧୀକ୍ଷଣ ଯନ୍ତ୍ରୀ ଲୋକନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଖଡିଗ୍ରାପଡାରେ ଜଳିଲା ପ୍ରଥମ ବଲ୍‌ବ

# ବିଦ୍ୟୁତୀକରଣ ପ୍ରକଳ୍ପର ଉଦ୍‌ଘାଟନ କଲେ ମାଳବିକା ଦେବୀ




**ନୂଆପଡା :** ନୂଆପଡା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ କିଷ୍ଡା ଗ୍ରାମର ଏକ ଛୋଟ ତଥା ଅପହଞ୍ଚ ଇଲାକା ହେଉଛି ଖଡିଗ୍ରାପଡା। ଏହି ପଡ଼ାରେ ଏବେ ଖୁସିର ମାହୋଲ, କାରଣ ପ୍ରଥମଥର ପାଇଁ ଆଜି ପଡ଼ାରେ ପହଞ୍ଚିଛି ବିଦ୍ୟୁତ୍ ସେବା ଏବଂ ପ୍ରତ୍ୟେକ ଘର ଅଗଣାରେ ଆଜି ଜଳିଛି ବିଦ୍ୟୁତ୍ ବଲ୍‌ବ । ଗ୍ରାମୀଣ ବିକାଶ ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ରାଜ୍ୟ ସରକାରଙ୍କ ସହାୟତାରେ ଟିପି ଓ୍ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ ମାତ୍ର ଗୋଟିଏ ମାସରୁ କମ୍ ସମୟ ମଧ୍ୟରେ ୧.୧୫ କିଲୋମିଟର ଲୋ-ଟେନସନ୍ ଲାଇନ ବିଛାଯାଇ ଅପହଞ୍ଚ ଖଡିଗ୍ରାପଡାକୁ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା ସଫଳତାର ସମାପ୍ତ କରାଯାଇଅଛି । ପାଖାପାଖି ୧୬ ଲକ୍ଷ ଟଙ୍କା ବିନିମୟରେ ନିର୍ମିତ ଏହି ପ୍ରକଳ୍ପ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସମ୍ପ୍ରତି ଘର ପାଇଥିବା ଆଠଟି ପରିବାରକୁ ବିଦ୍ୟୁତୀକରଣ କରାଯାଇଛି । ଏହି ବିଦ୍ୟୁତୀକରଣ ପ୍ରକଳ୍ପକୁ ମାନ୍ୟବର ଲୋକସଭା ସାଂସଦ, କଳାହାଣ୍ଡି, ଶ୍ରୀମତୀ ମାଳବିକା ଦେବୀ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଛନ୍ତି । ଏହି ଉଦଘାଟନୀ ଉତ୍ସବରେ ମାନ୍ୟବର ବିଧାୟକ, ନୂଆପଡା, ଶ୍ରୀ ଜୟ ଢୋଲକିଆ ମଧ୍ୟ ଯୋଗ ଦେଇଥିଲେ । ଘର ଅଗଣାରେ ବଲ୍‌ବ ଜଳିବା ସହିତ ପଡ଼ାବାସୀଙ୍କ ମୁହଁରେ ଖୁସିର ଝଲକ ଦେଖିବାକୁ ମିଳିଛି । ସ୍ଥାନୀୟ ଲୋକଙ୍କ ପାଇଁ ବିଦ୍ୟୁତ୍ କେବଳ ଏକ ସେବା ନୁହେଁ, ବରଂ ଏହା ଏକ ସୁରକ୍ଷିତ ଓ ଉନ୍ନତ ଜୀବନର ଶୁଭାରମ୍ଭ । ଏହି ଅବସରରେ ସାଂସଦ ଶ୍ରୀମତୀ ମାଳବିକା ଦେବୀ ଟିପିଡବ୍ଲୁଓଡିଏଲର ପ୍ରତିବଦ୍ଧତା ଓ ସମୟୋପଯୋଗୀ କାର୍ଯ୍ୟକୁ ପ୍ରଶଂସା କରିଥିଲେ । ସେ ଏହି ହାମଲେଟ୍‌ର ସଫଳ ବିଦ୍ୟୁତୀକରଣ ପାଇଁ ସନ୍ତୋଷ ପ୍ରକାଶ କରିବା ସହ କମ୍ପାନୀର ସିଇଓ ଏବଂ ସମଗ୍ର ଟିମ୍‌କୁ ଧନ୍ୟବାଦ ଜଣାଇଥିଲେ । ଗ୍ରାମବାସୀମାନେ ମଧ୍ୟ ନିଜର ଖୁସି ଓ ସନ୍ତୋଷ ବ୍ୟକ୍ତ କରି ଏହାକୁ ଦୀର୍ଘଦିନର ସ୍ୱପ୍ନ ପୂରଣ ହୋଇଛି ବୋଲି କହିଥିଲେ । ବିଦ୍ୟୁତ୍ ସଂଯୋଗ ପାଇବା ପରେ ଖଡ଼ିଗ୍ରାପଡ଼ାରେ ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ଜୀବିକାର ନୂତନ ସୁଯୋଗ ସୃଷ୍ଟି ହେବା ସହ ଗ୍ରାମର ସାର୍ବିକ ଉନ୍ନତିର ନୂଆ ଦ୍ୱାର ଖୋଲିବ ବୋଲି ଆଶା କରାଯାଉଛି ।

## ହିଆଁଲ କ୍ଲଷ୍ଟରସ୍ତରୀୟ ବିଶ୍ୱ ରେଡକ୍ରସ ଦିବସ

**ବଲାଙ୍ଗୀର :** ତୁରେକେଲା ବ୍ଲକ ଅନ୍ତର୍ଗତ ହିଆଁଲ କ୍ଲଷ୍ଟରର ଚଟୁଅନକା ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଯାଇଛି । ହିଆଁଲ କ୍ଲଷ୍ଟରର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ତଥା ଜୁନିୟର ରେଡକ୍ରସ ପରାମର୍ଶଦାତା ବିରଞ୍ଚି ନାରାୟଣ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ସମାଜସେବୀ ଥମିର ଛତ୍ରିଆ, ରାଜେନ୍ଦ୍ର ସେଠ, ଶିକ୍ଷୟିତ୍ରୀ ଭି. କ୍ରିଷ୍ଣା ଯୋଗ ଦେଇଥିଲେ। ବିଶ୍ୱରେ ଯେତେବେଳେ ବିପଦପଡେ ସେତେବେଳେ ରେଡକ୍ରସ ଅଣ୍ଟାଭିଡେ ଆଉ ସାହାଯ୍ୟ ସହଯୋଗର ହାତ ବଢାଏ । ତେଣୁ ତାର କାର୍ଯ୍ୟ ଅତୁଳନୀୟ ବୋଲି ଉପସ୍ଥିତ ଅତିଥିମାନେ ମତ ରଖିଥିଲେ । କରୋନା ସମୟରେ ରେଡକ୍ରସ କର୍ମୀମାନଙ୍କ ସେବାକୁ ଦେଶ କେବେବି ଭୁଲି ପାରିବ ନାହିଁ ବୋଲି ଶ୍ରୀ ଦାଶ ନିଜ ବକ୍ତବ୍ୟରେ କହିଥିଲେ । ଏହି ସଭାରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ କୃଷ୍ଣଚନ୍ଦ୍ର ପଣ୍ଡା, ବିଜୟ ତାଣ୍ଡୀ, ଭୁରଷି ରଣା, ଡିଙ୍ଗର ଭୋଇ, କିଶୋର ବରିହା, ମାନସୀ ସାହୁ ଯୋଗ ଦେଇଥିଲେ । ସେହିପରି ପଖନମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟସ୍ଥିତ ଋତୁକାଳୀନ ଆବାସିକ କେନ୍ଦ୍ରର ଅନ୍ତେବାସୀଙ୍କୁ ରେଡକ୍ରସ ପରାମର୍ଶଦାତା ବିରଞ୍ଚି ନାରାୟଣ ଏବଂ ସମାଜସେବାକୁ ଆପଣେଇ ନେବାକୁ ପରାମର୍ଶ ଦେଇଥିଲେ ।




# ଜିଲ୍ଲାସ୍ତରୀୟ ବିଶ୍ୱ ରେଡ୍‌କ୍ରସ ଦିବସ

**ବଲାଙ୍ଗୀର :** ବଲାଙ୍ଗିର ଜିଲ୍ଲାସ୍ତରୀୟ ବିଶ୍ୱ ରେଡ୍ କ୍ରସ ଦିବସ ସ୍ଥାନୀୟ ସୁଭଦ୍ରା ଶକ୍ତି କେନ୍ଦ୍ର ଠାରେ ପାଳିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏଡିଏମ୍ ଡ. ବିଜୟାନନ୍ଦ ସେଠୀ ଯୋଗଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଏସ୍‌ପି ଗୁଣନିଧି ମଲ୍ଲିକ ଏବଂ ଅତିରିକ୍ତ ଜିଲ୍ଲାଧିକାରୀ ପ୍ରବୀର କୁମାର ପଣ୍ଡା, ଜିଲ୍ଲା ଜରୁରିକାଳିନ ଅଧିକାରୀ ସବିନା ଭୋଇ ଯୋଗଦାନ କରି ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ରେଡକ୍ରସ ପତାକା ଉତ୍ତୋଳନ କରିବା ସହ ପ୍ରତିଷ୍ଠାତା ଜିନ୍ ହେନେରି ଡୁନାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଚଳିତ ବର୍ଷର ପ୍ରସଙ୍ଗ ମାନବିକତାରେ ଏକତା କୁ ଆଧାର କରି ମାନବ ସେବା, ସହଯୋଗ ଓ ଭାତୃତ୍ୱର ସନ୍ଦେସ ଦିଆଯାଇଥିଲା । ଏହି ଅବସରରେ ରକ୍ତଦାନ ର ଗୁରୁତ୍ୱ ଓ ସମାଜସେବାରେ ରେଡକ୍ରସର ଭୂମିକା ବିଷୟରେ ମତପ୍ରକାଶ ପାଇଥିଲା । କାର୍ଯ୍ୟକ୍ରମକୁ ଜିଲ୍ଲା ରେଡକ୍ରସ ସଂପାଦିକା ସସ୍ମିତା ପ୍ରଧାନ



ପରିଚାଳନା କରିବା ସହ ଜିଲ୍ଲା ରେଡକ୍ରସର ବାର୍ଷିକ ବିବରଣୀ ପଠନ କରିଥିଲେ । ଚଳିତ ବର୍ଷ ବିଷ୍ଣୁ ପ୍ରସାଦ କେଡିଆ, ଶଙ୍କର ପ୍ରସାଦ ଜୈନ, ରବି ଚନ୍ଦ୍ର ପଶାୟତ, ରାମନାରାୟଣ ଦାଶ ପ୍ରମୁଖ ଚାରି ଜଣଙ୍କୁ ରେଡକ୍ରସ ପେଟ୍ରନ ଭାବରେ ଅନ୍ୟାନ୍ୟ ୩୧ ଜଣ ସ୍ୱେଚ୍ଛାସେବୀ ରେଡକ୍ରସର ଆଜିବନ ସଦସ୍ୟତା ଗ୍ରହଣ କରିଥିଲେ । ବିଗତ ବର୍ଷ ରେଡକ୍ରସ ପାଣ୍ଠି ଯୋଗାଇ ଥିବାରୁ ଜିଲ୍ଲାପାଳ କାର୍ଯ୍ୟାଳୟର ଅଦାଲତି ଶାଖା, ମୁଖ୍ୟ ବେସାମରିକ ଯୋଗାଣ ଅଧିକାରୀ ଓ ଜିଲ୍ଲା ଅବକାରୀ ନିରୀକ୍ଷକଙ୍କୁ ରେଡକ୍ରସ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା, ତା ଛଡା ଗତ ବର୍ଷ ବୈଶାଖ ମେଳା ହରିଶଙ୍କର ଠାରେ ସାମାଜିକ ସେବା ପ୍ରଦାନ କରିଥିବା ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା । ଏହି ଅବସରରେ ବଲାଙ୍ଗିର ଜିଲ୍ଲା ରକ୍ତକେନ୍ଦ୍ର ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ସଂଜୟ ମିଶ୍ର, ଜୟନ୍ତ ବେହେରା, ଚନ୍ଦନ ରଥ, ଈଶାନେଶ୍ୱର ମିଶ୍ର ଓ ସଂଗୀତା ଦାଶ ସମେତ ଯୁବ ତଥା ଜୁନିୟର ରେଡକ୍ରସର ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ ।

## ଏଆଇ କିଟ୍‌ରେ ହିମୋଗ୍ଲୋବିନ୍ ଟେଷ୍ଟ କରାଇଲେ ସ୍ୱାସ୍ଥ୍ୟମନ୍ତ୍ରୀ

**ବଲାଙ୍ଗୀର :** ବଲାଙ୍ଗିର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସଭାଗୃହରେ ଏ ଆଇ କିଟ ବଣ୍ଟନକୁ ଆରମ୍ଭ କରିଥିଲେ ସ୍ୱାସ୍ଥ୍ୟ ମନ୍ତ୍ରୀ. ସେ ବଲାଙ୍ଗିର ଗସ୍ତରେ ଆସି ଏଆଇ କିଟରେ ନିଜର ହିମୋଗ୍ଲୋବିନ୍



ଟେଷ୍ଟ କରାଇଲେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ । ଆଜି ବଲାଙ୍ଗିର ଗସ୍ତରେ ଆସିଛନ୍ତି ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ । ଆଉ ଏହି ଅବସରରେ ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ ବିନା ରକ୍ତ ନମୁନାରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମହାଲିଙ୍ଗ ଏଆଇ କିଟ୍ ସାହାଯ୍ୟରେ ନିଜର ହିମୋଗ୍ଲୋବିନ୍ ଟେଷ୍ଟ କରାଇଥିଲେ । ଏହା ସହ ଅର୍ବାନ ସବସେଣ୍ଟର ଗୁଡିକୁ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଏଆଇ ହିମୋଗ୍ଲୋବିନ କିଟ୍ ଗୁଡିକ ବଣ୍ଟନ କରିଥିଲେ । ମନ୍ତ୍ରୀ ଙ୍କ ସହିତ ଜିଲ୍ଲାପାଳ ଗୌରବ ଶିବାଜୀ ଇସଲଓ୍ୱାଇ ଉତ୍ସବ ରେ ଉପସ୍ଥିତ ରହି ହିମୋଗ୍ଲୋବିନ୍ ପରୀକ୍ଷା କରିଥିଲେ ।

## ଟିଟିଲାଗଡ ବରିଷ୍ଠ ନାଗରିକ ସଂଘର ସଭାପତି ରତ୍ନାକର ସାହୁ ଓ ସଂପାଦକ ଈଶ୍ୱର ଚନ୍ଦ ଜୈନ




**ବଲାଙ୍ଗୀର :** ଟିଟିଲାଗଡ ବରିଷ୍ଠ ନାଗରିକ ସଂଘର ସାଧାରଣ ପରିଷଦ ବୈଠକ ଈଶ୍ୱର ଚନ୍ଦ ଜୈନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ସଙ୍ଘରେ ଉପସ୍ଥିତ ଥିବା ସଦସ୍ୟମାନେ ନିଜନିଜ ମତ ପ୍ରକାଶ କରିବା ପରେ ଆସନ୍ତା ବର୍ଷ ପାଇଁ ନୂତନ ସଭାପତି ଓ ସମ୍ପାଦକ ଚୟନ କରାଯାଇଥିଲା । ସେଥିରେ ସର୍ବସମ୍ମତି କ୍ରମେ ଟିଟିଲାଗଡ ଲାୟନ୍ସ କ୍ଲବର ବରିଷ୍ଠ ସଦସ୍ୟ ରତ୍ନାକର ସାହୁଙ୍କୁ ସଭାପତି ଓ ଈଶ୍ୱର ଜୈନଙ୍କୁ ସମ୍ପାଦକ ରୂପେ ମନୋନୀତ କରାଯାଇଛି । ଉଲ୍ଲେଖ ଥାଉ ଯେ, ସଂଘର ପୂର୍ବତନ ସଭାପତି ବୈରି ଗଞ୍ଜନ ମିଶ୍ର ଓ ସମ୍ପାଦକ ଭିକାରୀ ଚରଣ ମିଶ୍ର ତାଙ୍କ କାର୍ଯ୍ୟ ବ୍ୟସ୍ତତା ଯୋଗୁଁ ନିଜ ପଦରୁ ସେମାନେ ଇସ୍ତଫା ଦେଇଥିବା ବେଳେ ଏହି ଦୁଇଟି ପଦ ଖାଲି ହୋଇ ରହିଥିଲା । ଏହି ଅବସରରେ ସଂଘର ଅରବିନ୍ଦ ମେହେଟ୍ଟୋ, ଡ. ଘନଶ୍ୟାମ ଜୈନ, ରତ୍ନାକର ସାହୁ, ଜଗନ୍ନାଥ ପଣ୍ଡା, ସେବକ ଚରଣ ଦାସ, ରାଜୀବ ଲୋଚନ ପାଢ଼ୀ, ଘିନୁ ଆଡ୍‌ୟୁଏଡ, ଲକ୍ଷ୍ମୀକାନ୍ତ ମହାପାତ୍ର, ଚକ୍ରପାଣି ରଥ ଉପସ୍ଥିତ ଥିବା ବେଳେ ନିର୍ବାଚନ/ମନୋନୟନ ପ୍ରକ୍ରିୟା ବରିଷ୍ଠ ସଭ୍ୟ ରାଜୀବ ଲୋଚନ ପାଢ଼ୀ, ସେବକ ଚରଣ ଦାସ, ଜଗନ୍ନାଥ ପଣ୍ଡା ତୁଲାଇ ଥିଲେ । ସଭାପତି ରତ୍ନାକର ସାହୁ ସଂଘର ଅଫିସ ଘର ନିର୍ମାଣ କାମ ଯାହା ଅର୍ଦ୍ଧନିର୍ମିତ ହୋଇପଡ଼ି ରହିଛି, ତାହା ସଂପୂର୍ଣ୍ଣ କରାଯିବ ବୋଲି କହିଥିଲେ । ଶିବ ପ୍ରସାଦ ବେହେରା ଧନ୍ୟବାଦ ଦେଇଥିଲେ ।

## ଜଳିଗଲା ଲକ୍ଷାଧିକ ଟଙ୍କାର ସମ୍ପତ୍ତି

### ଋଣ ଟଙ୍କା ଶୁଝିବାକୁ ଯାଇ ଚିନ୍ତାରେ କୁନା

**ଦଶପଲ୍ଲା :** ଆଜିଦିନ ୧୧ଟା ବେଳେ ଦଶପଲ୍ଲା ବ୍ଲକ ଅନ୍ତର୍ଗତ ସରିଗଣ୍ଡା ପଞ୍ଚାୟତର ରଙ୍ଗମାଟିଆ ଗାଁରେ ରହୁଥିବା କୁନା କର୍ମୀ ନାମକ ଜଣେ



ବ୍ୟକ୍ତିଙ୍କ ଗ୍ରୋସରୀ ଦୋକାନ ସର୍ଟସର୍କିଟ ଯୋଗୁଁ ସମ୍ପୂର୍ଣ୍ଣ ଜଳିପୋଡ଼ି ପାଉଁଶ ହୋଇଯାଇଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାଇ ବହୁ ବେସରକାରୀ ସଂସ୍ଥାରୁ ଋଣ ଆଣି ଗତକିଛିଦିନ ତଳେ କୁନା ଦୋକାନଟି କରିଥିବା ବେଳେ ଆଜି ନିଆଁ ଲାଗିଯିବା ପରେ ଋଣ ଟଙ୍କା କିପରି ପରିଶୋଧ କରିବେ ସେ ନେଇ କୁନାଙ୍କ ପରିବାର ଭାଙ୍ଗି ପଡିଛନ୍ତି । ଅପରପକ୍ଷେ ଖବର ପାଇ ଦମକଳ ବାହିନୀ ଘଟଣା ସ୍ଥଳରେ ପହଂଚି ନିଆଁ କୁ ଆୟତ୍ତ କରିବା ପାଇଁ ଚେଷ୍ଟା କରିଥିବାବେଳେ ନିଆଁ ଲିଭିଲା ବେଳକୁ ଦୋକାନର ସମସ୍ତ ସାମଗ୍ରୀ ଜଳିପୋଡ଼ି ପାଉଁଶ ହୋଇଯାଇଥିଲା ।

### ପିକେଏସ୍ ଫାଉଣ୍ଡେସନ୍‌ର ବାର୍ଷିକୋତ୍ସବ

# ଡଃ. ମଞ୍ଜୁବାଳା ପଣ୍ଡାଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ

### ▶▶ ସମାଜରେ ଉଦାରବାଦୀ ଲୋକଙ୍କ ଆବଶ୍ୟକତା ରହିଛି: ଲିଙ୍ଗରାଜ

**ବଲାଙ୍ଗୀର :** ବଲାଙ୍ଗୀର ଜିଲ୍ଲା ଆଗଲପୁର ବ୍ଲକ ଅନ୍ତର୍ଗତ ମୁରଶୁଣ୍ ମିନି ଷ୍ଟାଡିୟମ ଠାରେ ପିକେଏସ୍ ଫାଉଣ୍ଡେସନ ର ୨୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଦିବଂଗତ ଶିକ୍ଷକ ନେତା ପ୍ରଫୁଲ୍ଲ କୁମାର ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗଠିତ ଫାଉଣ୍ଡେସନ ପକ୍ଷରୁ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ମୃତି ସଭାରେ ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ମଞ୍ଚ ର ସଭାପତି ନିହାଲ୍ ସିଂ(ପ୍ରେମରାଜ ନିଆଲ)ଙ୍କ ଆବାହକତ୍ୱରେ କୃଷକ ନେତା ଲିଙ୍ଗରାଜ ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିଲେ । ସୋନପୁର ଜିଲ୍ଲା ତରଭା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବାନନ୍ଦ କର୍ମୀ,କୋଶଳୀ କବି ସୁଶାନ୍ତ ବାଗ, ଡଃ ସୁଶୀଲ କୁମାର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।ମୁଖ୍ୟବକ୍ତା ଶ୍ରୀ ଲିଙ୍ଗରାଜ ତାଙ୍କ ବକ୍ତବ୍ୟରେ ପ୍ରଫୁଲ୍ଲ ସାହୁ ଜଣେ ଉଦାର ଓ ଆମ୍ବେଦକରବକ୍ଷଦୀ ବ୍ୟକ୍ତି ଥିଲେ । ଆଜିର ସମାଜରେ ଉଦାରବାଦୀ ଲୋକଙ୍କର ଆବଶ୍ୟକତା ରହିଛି ବୋଲି ଲିଙ୍ଗରାଜ କହିଥିଲେ । ପୂଜ୍ୟପୂଜା ପରମ୍ପରା କ୍ରମେ ଡାକ୍ତର ମଞ୍ଜୁବାଳା ପଣ୍ଡା ଙ୍କୁ ଜୀବନବ୍ୟାପୀ ସାଧନା ପୁରସ୍କାର, ଯୁବ ପ୍ରଶାସକ ତଥା ଭେଡେନ ଗୋଷ୍ଠୀ ଉନ୍ନୟନ ଅଧିକାରୀ କର୍ଣ୍ଣ ସୁନା ଙ୍କୁ ମନୋରଞ୍ଜନ ପଧାନ ସ୍ମୃତି ସମ୍ମାନ, ଅବସରପ୍ରାପ୍ତ ଶିକ୍ଷକ ଦୁଃଖିଶ୍ୟାମ ନାଏକଙ୍କୁ ଧ୍ୱଜାରାମ ସ୍ମୃତି ସମ୍ମାନ, ଭାରତୀୟ ସେନା ରୁ ଅବସରପ୍ରାପ୍ତ ସୈନିକ ବନମାଳୀ ପଧାନ, ଯୁବ କବି ଅର୍ଜୁନ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଯୋଗୀସର୍ଡା ସେକ୍ଟର ସୁପରଭାଇଜର ସରୋଜ କୁମାର ରଣା, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଜୟନ୍ତୀ ରାଣୀ ସେଠୀ, ମଧୁମିତା ଛତ୍ରିଆ, ପନିନା ଛତ୍ରିଆଙ୍କ ଉପସ୍ଥିତିରେ ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ପଙ୍କଜ ଜାଲ, ଗାୟିକା ମାନସୀ, ହାସ୍ୟ ଅଭିନେତା ବିନ୍ଦୁ ଙ୍କ ଦ୍ୱାରା ରଂଗାରଂଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଓବିସି ଅଧିକାର ପ୍ରବକ୍ତା ଆନନ୍ଦ ପଧାନ ମାନପତ୍ର ପାଠ କରିଥିଲେ । ଫାଉଣ୍ଡେସନର ପ୍ରତିଷ୍ଠାତା ମୃତ୍ୟୁଞ୍ଜୟ କୁମାର ସଂଯୋଜନା କରିଥିବା ବେଳେ ବଂଶୀଧର ମେମୋରିଆଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ସଚ୍ଚିଦାନନ୍ଦ ପଧାନ ଧନ୍ୟବାଦ ଦେଇଥିଲେ । ମହେନ୍ଦ୍ର ମହାକୁର, କୂଳଦୀପ ପଣ୍ଡା, ଆନନ୍ଦ ସାହୁ, ବିରେନ୍ଦ୍ର, ମହେନ୍ଦ୍ର ପ୍ରଧାନ,ସୁରେଶ ପଧାନ, ଟୁନା ସାହୁ, ସୁରଜିତ ପଣ୍ଡା ଅନ୍ୟାସୀ ବିଶ୍ୱାଲ ସହଯୋଗ କରିଥିଲେ ।




### ପ୍ରୋଜେକ୍ଟ 'କୌଶଳ ୨.୦' ଶୁଭାରମ୍ଭ

# ଯୁବକ-ଯୁବତୀଙ୍କୁ କୌଶଳମୂଳକ ପ୍ରଶିକ୍ଷଣ ଓ ରୋଜଗାର ସୁଯୋଗ

**କାଶୀପୁର :** ରାୟଗଡା ଜିଲ୍ଲା କାଶୀପୁର ବ୍ଲକ କଂସାରୀଗୁଡାସ୍ଥିତ ଆଦିତ୍ୟ ଆଲୁମିନା ରିଫାଇନେରୀ ପ୍ରକଳ୍ପ ପକ୍ଷରୁ ସ୍ଥାନୀୟ ଯୁବକ ଯୁବତୀଙ୍କ କୌଶଳ ବିକାଶ ଓ ନିଯୁକ୍ତି ସୁଯୋଗ ବୃଦ୍ଧି ଉଦ୍ଦେଶ୍ୟରେ ଏହାର ପ୍ରମୁଖ ସିଏସଆର ପଦକ୍ଷେପ "ପ୍ରୋଜେକ୍ଟ କୌଶଳ ୨.୦"ର ଶୁଭାରମ୍ଭ ସଫଳତାର ସହ ହୋଇଯାଇଛି । ଏହି ଅବସରରେ ଦ୍ୱିତୀୟ ବ୍ୟାଚର ଆଇଟିଆଇ ପ୍ରଶିକ୍ଷୁ ଏବଂ ପ୍ରଥମ ବ୍ୟାଚ୍ର ଡିପ୍ଲୋମା ପ୍ରଶିକ୍ଷୁମାନଙ୍କ ପାଇଁ ଅନ୍ବୋର୍ଡିଂ କାର୍ଯ୍ୟକ୍ରମ ପ୍ରକଳ୍ପ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ କାଶୀପୁର ଓ ଲକ୍ଷ୍ମୀପୁର ଅଞ୍ଚଳରୁ ୭୦୦ରୁ ଅଧିକ ସ୍ଥାନୀୟ ଲୋକ, ଜନପ୍ରତିନିଧି, ବୁଦ୍ଧିଜୀବୀ, ଯୁବକ ଯୁବତୀ ଓ ଅଭିଭାବକମାନେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରକଳ୍ପର ୟୁନିଟ୍ ହେଡ୍ ଓ ପ୍ରେସିଡେଣ୍ଟ ଡ଼ା. ମଜହର ବେଗ ଉଦ୍ଘାଟନ କରିଥିଲେ । ଏହି ଅବସରରେ ବରିଷ୍ଠ ଅଧିକାରୀମାନଙ୍କ ମଧ୍ୟରେ ଶ୍ରୀ ବାସୁଦେବ ଖୁଣ୍ଟିଆ (ହେଡ୍ ଏଫ୍ ଆଣ୍ଡ ସି), ଶ୍ରୀ ରମେଶ ଚନ୍ଦ୍ର ଦୁଦ୍ୱାଡା (ହେଡ୍ କନ୍‌ଷ୍ଟ୍ରକ୍ସନ), ବ୍ରିଗେଡିଅର ପ୍ରତାପ ପାଢ଼ୀ (ହେଡ୍ ଆଡମିନ୍ ଏବଂ ସିକ୍ୟୁରିଟି), ଶ୍ରୀ ମୃତ୍ୟୁଞ୍ଜୟ ଲେଙ୍କା (ହେଡ୍ ମାଇନ୍ସ – ବକ୍ସାଇଟ୍ କୋ-ଅର୍ଡିନେସନ), ଶ୍ରୀ ଦୀପକ ମହାନ୍ତି (ହେଡ୍ ଏଚଆର, ଆଇଆର ଆଣ୍ଡ ସିଏସଆର) ଓ ଶ୍ରୀ ତନ୍ମୟ ମହାନ୍ତି (ଡିପାର୍ଟମେଣ୍ଟ ହେଡ୍ ସିଏସଆର ଆଣ୍ଡ ଆର ଆଣ୍ଡ ଆର ଉପସ୍ଥିତ ଥିଲେ । "ପ୍ରୋଜେକ୍ଟ କୌଶଳ ୨.୦" ଅଧୀନରେ ସ୍ଥାନୀୟ ଯୁବମାନଙ୍କୁ ଦ୍ୱିତୀୟ ବ୍ୟାଚରେ ସାମିଲ କରାଯାଇ କିଟ୍, ଭୁବନେଶ୍ୱରରେ ଆଇଟିଆଇ ପ୍ରଶିକ୍ଷଣ ପାଇଁ ପଠାଯିବ । ସେହିପରି ପ୍ରଥମ ବ୍ୟାଚ୍ର ଡିପ୍ଲୋମା ପ୍ରଶିକ୍ଷୁମାନଙ୍କୁ ସିଭି ରମଣ ଗ୍ଲୋବାଲ ୟୁନିଭରସିଟି, ଭୁବନେଶ୍ୱରରେ ଭର୍ତ୍ତି କରାଯିବ । ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଯୁବମାନଙ୍କୁ ଶିଳ୍ପ ଉପଯୋଗୀ କୌଶଳ ପ୍ରଦାନ କରି ସେମାନଙ୍କର ଜୀବିକା ଓ ରୋଜଗାର ସୁଯୋଗକୁ ସୁଦୃଢ଼ କରିବା । ଏହି ପ୍ରକଳ୍ପର ପୂର୍ବ ସଫଳତାକୁ ଅଗ୍ରସର କରି ପ୍ରଥମ ଆଇଟିଆଇ ବ୍ୟାଚରେ ୪୬ ଜଣ ଛାତ୍ର ବର୍ତ୍ତମାନ ପ୍ରଶିକ୍ଷଣ ନେଉଥିବା ବେଳେ ୯୦ ଜଣ ସ୍ଥାନୀୟ ଯୁବତୀ ଏବିଏଲବିଏଲ, ଭୁବନେଶ୍ୱରରେ ଆପାରେଲ୍ ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି । ଆଗାମୀ ଦିନରେ ଫୁଲଝୋବାରେ ଆରମ୍ଭ ହେବାକୁ ଥିବା ଆପାରେଲ୍ ୟୁନିଟ୍ ପାଇଁ ସେମାନଙ୍କୁ ମାଷ୍ଟର ଟ୍ରେନର ଭାବେ ପ୍ରସ୍ତୁତ କରାଯାଉଛି । ସଭାକୁ ସମ୍ବୋଧିତ କରି ଡ଼ା. ମଜହର ବେଗ କହିଥିଲେ, "ପ୍ରୋଜେକ୍ଟ କୌଶଳ ୨.୦ ମାଧ୍ୟମରେ ଆମେ ସ୍ଥାନୀୟ ଯୁବମାନଙ୍କୁ ସଂଗଠିତ କୌଶଳ ବିକାଶ ଓ ଶିଳ୍ପମୁଖୀ ପ୍ରଶିକ୍ଷଣ ଯୋଗାଇ ସେମାନଙ୍କୁ ଆତ୍ମନିର୍ଭର ଓ ସଶକ୍ତ କରିବାକୁ ପ୍ରତିବଦ୍ଧ । ଏହା ଅଞ୍ଚଳର ସାମଗ୍ରିକ ବିକାଶରେ ସହାୟକ ହେବ ।"




Printed, Published, edited and owned by Ipsita Pati, published from Plot No-214/A, Sahid Nagar, Bhubaneswar, PIN- 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, PIN- 751014, Khurda, Odisha. email: pratishabda7@gmail.com

Editor- Ipsita Pati
Managing Director -Jitendra Kumar Pati
Executive Editor -Satyajit Mohapatra

ସମ୍ପାଦିକା : ଇପ୍‌ସିତା ପତି
ପରିଚାଳନା ନିର୍ଦ୍ଦେଶକ : ଜିତେନ୍ଦ୍ର କୁମାର ପତି
କାର୍ଯ୍ୟନିର୍ବାହୀ ସମ୍ପାଦକ: ସତ୍ୟଜିତ୍ ମହାପାତ୍ର